## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

କପ୍ତିପଦା,୩।୧୦(ଡି.ଏନ.ଏ): କପ୍ତିପଦା ଥାନା ଅଧୀନ କୁସୁନପୁର ସୁଣ୍ଡଳ ନିକଟବର୍ତ୍ତୀ ମହାକୁଡ ବନ୍ଧ ନିକଟରୁ ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଭାଲିଆଡି ଗ୍ରାମର ଶ୍ରୀକାନ୍ତ ଆରୁଖ(୨୮)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି। ମୃତ ଶ୍ରୀକାନ୍ତ ବାରିପଦାସ୍ଥିତ ଏକ ହୋଟେଲରେ କାମ କରୁ ଥିବା ବେଳେ ଗତ ୨ଦିନ ତଳେ ଘରକୁ ଫେରିଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ଉଦ୍ଧାର ହେବା ଘଟଣାକୁ ପରିବାର ଲୋକେ ବିଶ୍ୱାସ କରି ପାରୁନାହାନ୍ତି। ଏହା ଏକ ହତ୍ୟାକାଣ୍ଡ ବୋଲି ସେମାନେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

### ତାଲୁକ ଆଇନ ସହାୟତା ଶିବିର

କପ୍ତିପଦା,୩।୧୦(ଡି.ଏନ.ଏ): କପ୍ତିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସହାୟତା, ଉଦଳା ଦ୍ୱାରା ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସହାୟତା କକ୍ଷର ଅଧକ୍ଷ ବିଚାରପତି ଚିନ୍ମୟ କୁମାର ମିଶ୍ର ଅଧକ୍ଷତା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଦିଲୀପ କୁମାର ଦୀକ୍ଷିତ, ଆଇଆଇସି ନଳିନୀକାନ୍ତ ମହାପାତ୍ର, ଆଇନଜୀବୀ ନିରାକର ମହାପାତ୍ର, ତାଲୁକ ରିଟେନର ଶାଶ୍ୱତ କୁମାର ତ୍ରିପାଠୀ, ପ୍ରଧାନଶିକ୍ଷକ ଅମୀୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଭରଣପୋଷଣ ବାବଦରେ ଥିବା ଆଇନକାନୁନ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା।

### ବରିଷ୍ଠ ନାଗରିକ ଦିବସ




କପ୍ତିପଦା,୩।୧୦(ଡି.ଏନ.ଏ): କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡ.ଜୟନ୍ତୀ ପରିଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈକୁଣ୍ଠନାଥ ଦାଉଁଡିଆ, ବିପିଏମ ବିଶ୍ୱଜିତ୍ ସାହୁ, ସନାତନ ମହାପାତ୍ର ଓ ସୁଧାରାଣୀ ଶତପଥୀ ପ୍ରମୁଖ ଯୋଗ ଦେଇ ସମାଜର ସମସ୍ତ ଲୋକ ପିତାମାତାଙ୍କ ସମେତ ସମସ୍ତ ବୟସ୍କ ଲୋକଙ୍କର ଯତ୍ନ ନେବା ଉଚିତ୍ ବୋଲି କହିଥିଲେ। ବରିଷ୍ଠ ନାଗରିକଙ୍କ ଅଭିଜ୍ଞତାକୁ ପାଥେୟ କରି ସମାଜକୁ ସୁସ୍ଥ ଓ ସୁନ୍ଦର କରି ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ବରିଷ୍ଠ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡା. ଦେବାଶିଷ ଆଚାର୍ଯ୍ୟ ଓ ଡା ମନୋଜ ବାରିକ୍ ୩୫ ଜଣ ବରିଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ଗେଣ୍ଡାଖାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୋଷ୍ଟା,୩।୧୦: ଶୁଳିଆପଦା ବ୍ଲକ ଅଧୀନ ଗେଣ୍ଡାଖାଲ ଗ୍ରାମରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଭୋଲା ଗ୍ରାମର ଟିମ୍ ଚାମ୍ପିୟନ ହୋଇଥିବା ବେଳେ ବାଙ୍କିରିପୋଷି ଦଳ ରନର୍ସ ଅପ୍ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଜୁମିତ ଖେଳ ସଂସ୍ଥାର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ବିଜେଡି ନେତା କୃଷ୍ଣଚନ୍ଦ୍ର ଦାସ ଗେଣ୍ଡାଖାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସଭାପତି ବୁଦ୍ଧାନ୍ ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

କୁଳିଅଣା, ୩।୧୦(ଡି.ଏନ.ଏ.): କୁଳିଅଣା ଥାନା ଅନ୍ତର୍ଗତ କୁଳିଅଣା ବଜାର ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଙ୍କିରିପୋଷି ଥାନା କଳାବାଡିଆ ଗ୍ରାମର ଦିଲୁ ନାଏକ, ଅଜୟ ସିଂ ଓ କୁଳିଅଣା ଥାନା ଅନ୍ତର୍ଗତ ସରପଖୀ ଗ୍ରାମର ସେତ ନାଏକ। ସେତ ଏକ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦିଲୁ ଓ ଅଜୟଙ୍କ ସହ ଧକ୍କା ହୋଇଥିଲା। କୁଳିଅଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଗୁରୁତରଙ୍କୁ ପ୍ରଥମେ କୁଳିଅଣା ଡାକ୍ତରଖାନାର ଓ ପରେ ବାରିପଦା ପିଆରଏମ ମେଡିକାଲ କଲେଜ ସ୍ଥାନାନ୍ତର କରିଛି।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନିର୍ବାଚନ ବାତିଲ

## ବାଣ ଫୁଟାରୁ ବିଭିନ୍ନ କଲେଜରେ ନିର୍ବାଚନ ବନ୍ଦ

- ଗଣ୍ଡଗୋଳ ଆଶଙ୍କାରେ ମହିଳା ମହାବିଦ୍ୟାଳୟରେ ନିର୍ବାଚନ ବାତିଲ
- ବାରିପଦା କଲେଜରେ ସାଇନ-ଏ- ଡାଏ ଘୋଷଣା
- ଛାତ୍ରୀଛାତ୍ରଙ୍କ ବିରୋଧ: ଉତ୍ତେଜନା, କ୍ୟାମ୍ପସ ଅଶାନ୍ତ

**ବାରିପଦା ଅଫିସ,୩।୧୦**

ଛାତ୍ର ସଂସଦ ନିର୍ବାଚନ ଲାଗି ବୁଧବାର ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ଦିବସରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଓ ବାରିପଦା କଲେଜରେ ନିର୍ବାଚନକୁ ବାତିଲ କରାଯାଇଛି। ବିଶ୍ୱବିଦ୍ୟାଳୟ ସହିତ ଅନ୍ୟ ୨ ମହାବିଦ୍ୟାଳୟରେ ବାଣ ଫୁଟାଯିବା ଘଟଣା ନେଇ ଆଗକୁ ପରିସ୍ଥିତି ଜଟିଳ ହେବା ଆଶଙ୍କାରେ ନିର୍ବାଚନ ବାତିଲ କରାଯାଇଥିବା କୁହାଯାଉଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ଏକାଧିକ ସ୍ଥାନରେ ବାଣ ଫୁଟାଯାଇଥିଲା। ଏନେଇ କ୍ୟାମ୍ପସରେ ଭୟର ବାତାବରଣ ଖେଳିଯାଇଥିଲା। ସେହିପରି ମହିଳା ମହାବିଦ୍ୟାଳୟ ଓ ଏମପିସି କଲେଜରେ ବାଣ ଫୁଟା ଘଟଣା ପରେ ପ୍ରାକ୍ ନିର୍ବାଚନୀ ହିଂସା ଆଶଙ୍କା ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେହି ଦୁଇ କଲେଜରେ ନିର୍ବାଚନ ବାତିଲ କରାଯାଇଛି। ମହିଳା ମହାବିଦ୍ୟାଳୟରେ ୨ ଦିନ ଶ୍ରେଣୀ ବାତିଲ ହୋଇଥିବା ବେଳେ ବାରିପଦା କଲେଜରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ପ୍ରାର୍ଥିପତ୍ର ନାକଚ ହେବା, ପରାଜୟର ଭୟ ଏବଂ ରାଜନୈତିକ ଦଳର ଏକାଧିକ ପ୍ରାର୍ଥୀ ଥିବା କାରଣରୁ ଜାଣିଶୁଣି କ୍ୟାମ୍ପସ୍ ବାତାବରଣକୁ ଏଭଳି ଅଶାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି ନ କରି ନିର୍ବାଚନ ବାତିଲ କରାଯିବା ଘଟଣା ନେଇ ଛାତ୍ରୀଛାତ୍ର ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଏହି ସବୁ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ସ୍ଥିତି ଅଶାନ୍ତ ହୋଇଉଠିଛି।

ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ପ୍ରାକ୍ ନିର୍ବାଚନୀ ହିଂସା, ଅଧିକ ଗଣ୍ଡଗୋଳ ଘଟିବା ଆଶଙ୍କାକୁ ଦୃଷ୍ଟିରେ ରଖି ନିର୍ବାଚନକୁ ବାତିଲ କରାଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟା ବେଳକୁ ବିଶ୍ୱବିଦ୍ୟାଳୟ ଛାତ୍ରୀବାସ ଓ ଷ୍ଟାଫ କ୍ୱାର୍ଟର୍ସରେ କେତେକ ଅଜଣା ଦୁର୍ବୃତ୍ତ ଏକାଧିକ ବାଣ ଫୁଟାଇଥିଲେ। ସୋମବାର ବିଶ୍ୱବିଦ୍ୟାଳୟର ୫ ଓ ୬ ନମ୍ବର ବ୍ଲକରେ ଅନୁରୂପ ଜଣେ ଆଶାୟୀ ସଭାପତିଙ୍କ ସମର୍ଥକମାନେ ବାଣ ଫୁଟାଇଥିଲେ, ଯାହାକୁ ନେଇ କ୍ୟାମ୍ପସରେ ଅଶାନ୍ତ ପରିବେଶ ଖେଳି ଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ଛାତ୍ରନେତାମାନେ ଏହାକୁ ବିରୋଧ କରି ନିର୍ବାଚନ କରାଯାଉ ବୋଲି ଦାବିକରି କୁଳପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। କ୍ୟାମ୍ପସରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗି ରହିଛି। ଛାତ୍ରନେତା ସୁନୀଲ ନାୟକ, ଦୁର୍ଯୋଧନ ବେହେରା, ଶଙ୍କର୍ଷଣ ପଣ୍ଡା, ତୁଷାର କୁମାର ନାୟକ, ସନତ ଗୋପ, ରଞ୍ଜନ କୁମାର ନାୟକ, ପ୍ରଫୁଲ କୁମାର ମହାନ୍ତ ପ୍ରମୁଖ ଏହାକୁ ବିରୋଧ କରି ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ବିଭିନ୍ନ ନାରାବାଜି କରିଛନ୍ତି। ବାରିପଦା ମହାବିଦ୍ୟାଳୟର ନୋଟିସ ନମ୍ବର ୧୫୫ରେ ସାଇନ -ଏ-ଡାଏ ଘୋଷଣା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହା କ୍ୟାମ୍ପସ ପରିବେଶକୁ ସରଗରମ କରିଛି। ମହାବିଦ୍ୟାଳୟ ପରିସର ଓ ପଛପଟେ କେତେକ ଅଜଣା ଦୁର୍ବୃତ୍ତ ବୁଧବାର ବାଣ ଫୁଟାଇଥିବା ଯୋଗୁ ଏଭଳି ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଜଣେ ନିର୍ବାଚିତ ପ୍ରତିନିଧି ଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଯୁବ ଓ ଛାତ୍ର ନେତାଙ୍କ ପ୍ରରୋଚନାରେ ନିର୍ବାଚନ ବାତିଲ ପାଇଁ ପଦକ୍ଷେପ ନିଆଯାଇଥିବା ଚର୍ଚ୍ଚା ହେଉଛି। ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ବୁଧବାର କେହି ଅଜଣା ବ୍ୟକ୍ତି ବାଣ ଫୁଟାଇବା ପରେ ଭୟର ବାତାବରଣ ଖେଳିଯିବାରୁ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରି ୪ ଓ ୫ ତାରିଖ ଦୁଇ ଦିନ ସମସ୍ତ କ୍ଲାସ ସସ୍‌ପେଣ୍ଡ କରାଯାଇଥିବା ସୂଚନା ମିଳିଛି।

ସହରରେ ଅନ୍ୟତମ ଏମପିସି ଅଟୋନମ୍‌ସ କଲେଜରେ ବୁଧବାର ଦୁଇ ଦୁଇ ଥର ବାଣ ଫୁଟିଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇନାହିଁ। ସେଠାରେ ଖୁଲା ପରିସ୍ଥିତି ଲାଗି ରହିଛି। କେହି ଅଜଣା ଦୁର୍ବୃତ୍ତ ବାଣ ଫୁଟାଇ ଏଭଳି ଆତଙ୍କ ଖେଳାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହେଉଛି। ଅଧକ୍ଷ ବିଷ୍ଣୁଚରଣ ଜେନା କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ଉପଦେଷ୍ଟା ମଣ୍ଡଳୀ ଓ ସମସ୍ତ କର୍ମଚାରୀଙ୍କୁ ନେଇ ଖୁବ୍‌ଶୀଘ୍ର ଏକ ବୈଠକ କରାଯିବ। ନିର୍ବାଚନ ବାତିଲ ହେବ କି ନାହିଁ ସେ ସମ୍ପର୍କରେ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯିବ।

### ବେତନଟୀ, ଭଞ୍ଜକିଆରେ ଛାତ୍ର ସଂସଦ ନିର୍ବାଚନ ବାତିଲ

**ବେତନଟୀ, ୩।୧୦(ଡି.ଏନ.ଏ.)**

ପ୍ରାର୍ଥୀପତ୍ର ଦାଖଲ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ବେତନଟୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି। ଏନେଇ ଅଧକ୍ଷ ଶ୍ରୀବସ୍ତ ସାମଲ ଘୋଷଣା କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମହାବିଦ୍ୟାଳୟ ବନ୍ଦ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳରେ ବେତନଟୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହାପରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ବାତିଲ ଓ କଲେଜ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିବା ଅଧକ୍ଷ କହିଛନ୍ତି।

**ଭଞ୍ଜକିଆ–** ରରୁଆଁ ବ୍ଲକ ଅଧୀନ ଏ.ପି. କଲେଜ ନିର୍ବାଚନ ବୁଧବାର ବାତିଲ କରାଯାଇଛି। ପ୍ରତିବାଦରେ କଲେଜ ଛାତ୍ରୀଛାତ୍ର ଫାଟକ ସମ୍ମୁଖରେ ମୁହଁରେ କଳା କପଡ଼ା ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଠିକ ନ ଥିବା ବେଳେ ଆବଶ୍ୟକ କର୍ମଚାରୀ ନ ଥିବାରୁ ନିର୍ବାଚନକୁ ବାତିଲ କରାଯାଇଥିବା ଅଧକ୍ଷ କହିଛନ୍ତି।


ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ନିର୍ବାଚନ ବାତିଲ ପରେ ଛାତ୍ରନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## 'ଏଣିକି ପରୋକ୍ଷରେ ପ୍ରତିନିଧି ବଛାଯାଉ'

**ବାରିପଦା ଅଫିସ ,୩।୧୦**

ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ପ୍ରାକ୍ ନିର୍ବାଚନୀ ହିଂସା, ଓ ଗଣ୍ଡଗୋଳ ଆଶଙ୍କାରେ ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ୪ ଶିକ୍ଷାନୁଷ୍ଠାନରୁ ୨ଟିରେ ନିର୍ବାଚନ ବାତିଲ ହୋଇଥିବା ବେଳେ ଗୋଟିଏରେ ସାଇନ-ଏ-ଡାଏ ଘୋଷଣା ହୋଇଛି। ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ, ଏମପିସି ଅଟୋନମସ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ଓ ବାରିପଦା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ପ୍ରାକ୍ ନିର୍ବାଚନି ହିଂସା ଯୋଗୁ ବୁଧବାର ସୁଦ୍ଧା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ନିର୍ବାଚନ ବାତିଲ ହୋଇଛି। ବାରିପଦା ମହାବିଦ୍ୟାଳୟରେ ସାଇନ-ଏ-ଡାଏ ଘୋଷଣା ହୋଇଛି। ସେହିପରି ଗତ ୨୦୧୭ ମସିହାରେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବା ବେଳେ ବାରିପଦା ମହାବିଦ୍ୟାଳୟ ଓ ଏମପିସି ଅଟୋନମସ କଲେଜରେ ନିର୍ବାଚନ ହୋଇ ନ ଥିଲା। ବାରିପଦା ମହାବିଦ୍ୟାଳୟରେ ପ୍ରାକ୍ ନିର୍ବାଚନୀ ହିଂସା ଯୋଗୁ ନିର୍ବାଚନ ହୋଇ ନ ଥିବା ବେଳେ ଏମପିସି ଅଟୋନମସ କଲେଜରେ ୨୦୧୬ ଛାତ୍ର ସଂସଦ ନିର୍ବାଚନ ବେଳେ ହୋଇଥିବା ହିଂସାକାଣ୍ଡ ଯୋଗୁ ୨୦୧୭ରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। କଲେଜ କ୍ୟାମ୍ପସ୍‌ରେ ନିର୍ବାଚନର ଗୁରୁତ୍ୱକୁ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତାମତ ନିଆଯାଇଛି।



"ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଛାତ୍ର ସଂସଦ ନିର୍ବାଚନ ଆବଶ୍ୟକ। ହେଲେ କେତେକ ଅସାମାଜିକ ଯୁବକ ହିଂସା ପରିସ୍ଥିତି ସୃଷ୍ଟି କରି ନିର୍ବାଚନ ବାତିଲ କରିବାକୁ ସକ୍ଷମ ହେଉଛନ୍ତି। ଏଭଳି କରିବା ଦ୍ୱାରା ଛାତ୍ର ରାଜନୀତି କଳୁଷିତ ହେଉଛି। ଛାତ୍ର ନିର୍ବାଚନ ନ ହେବା ଯୋଗୁ କର୍ତ୍ତୃପକ୍ଷ ନିଜ ହିସାବରେ ସମସ୍ତ କାର୍ଯ୍ୟ କରିବେ। ଫଳରେ ଛାତ୍ରୀଛାତ୍ର ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହେବେ।

**-ତୁଷାର କୁମାର ନାୟକ, ପୂର୍ବତନ ଛାତ୍ର ସଂସଦ ସଭାପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ**



"୨୦୧୬ ଛାତ୍ର ସଂସଦ ନିର୍ବାଚନରେ ଛାତ୍ର ଗଣ୍ଡଗୋଳ ଯୋଗୁ ଏମପିସି ଅଟୋନୋମସ କଲେଜରେ ୨ ବର୍ଷ ନିର୍ବାଚନ ହୋଇ ନ ଥିଲା। ଚଳିତ ବର୍ଷ ବହୁ ଦାବି ପରେ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ବୁଧବାର ସୁଦ୍ଧା ସମସ୍ତ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

**-ବିଷ୍ଣୁ ଚରଣ ଜେନା, ଅଧକ୍ଷ, ଏମପିସି ଅଟୋନମସ କଲେଜ, ବାରିପଦା**



"ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ଦଳମାନେ ସିଧାସଳଖ ସମ୍ପୃକ୍ତି ରହୁଥିବାରୁ ମୁଖ୍ୟତଃ ହିଂସା ପରିସ୍ଥିତି ସୃଷ୍ଟି ହେଉଛି। ଏହି ନିର୍ବାଚନୀ ପ୍ରକ୍ରିୟାକୁ ବନ୍ଦ କରିବା ଆବଶ୍ୟକ। ତେବେ ସିଧାସଳଖ ନିର୍ବାଚନ ନ କରି ଛାତ୍ରୀଛାତ୍ରମାନେ ନିଜ ନିଜ ଶ୍ରେଣୀ କିମ୍ବା ବିଭାଗରେ ସେମାନଙ୍କ ପ୍ରତିନିଧି ଚୟନ କରିବା କଥା।

**-ସୁସ୍ମିତା କର,ପିଜି କାଉନସିଲ ଚେୟାରମ୍ୟାନ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ**

## 'ପ୍ରତିଭାର ବିକାଶ ନିମନ୍ତେ ଉଦ୍ୟମ ଲୋଡା'

**ବହଳଦା,୩।୧୦(ଡି.ଏନ.ଏ)**

ବହଳଦା ଧୀରଜଲାଲ ମହାବିଦ୍ୟାଳୟ ପରିସରରେ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସାଇବା ସୁଶୀଲ କୁମାର ହାଁସଦାଃ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଶକ୍ତି ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶ ନିମନ୍ତେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ଦୁଃଖୁ ହେମ୍ବ୍ରମ୍, ଉପାଧକ୍ଷା ଅନ୍ନପୂର୍ଣ୍ଣା ମହାନ୍ତି, ବିଜେଡି ଜିଲା ଉପସଭାପତି ଇଶାନ ମିଶ୍ର, ବିଡିଓ ଭୋଳାନାଥ ସେଠୀ, ମହାବିଦ୍ୟାଳୟର ଅଧକ୍ଷ ହିମାଂଶୁ ଶେଖର ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ବିଜେଡି ଜିଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ଯୁବକ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବହଳଦା ବ୍ଲକ ଅଁଳାଯୋଡିର ବିଶିଷ୍ଟ ଯୁବ ଛଉ କଳାକାର ଲକ୍ଷ୍ମୀଧର ଘୁଣିଆ,ବିକାଶ ମହାନ୍ତ(ଢୋଲ ବାଦକ) ଓ ବାବୁଲି ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ସଦ୍‌ଭାବନା ବଜାୟ ରଖ'

## ବାରିପଦା ଶାନ୍ତି କମିଟି ବୈଠକରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଏସପି ଅବିନାଶ କୁମାର ଓ ଅନ୍ୟମାନେ।

**ବାରିପଦା ଅଫିସ,୩।୧୦**

ଚଳିତ ବର୍ଷ ବାରିପଦା ସହରରେ ଦୁର୍ଗାପୂଜା ଓ କାଳିପୂଜା ପାଳନ ପାଇଁ ଶାନ୍ତି କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅବିନାଶ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ନିୟମାନୁଯାୟୀ ଆବଶ୍ୟକ ଅନୁମତିପତ୍ର ଯଥାଶୀଘ୍ର ନେବା ପାଇଁ ପୂଜା କମିଟିଗୁଡିକୁ କୁହାଯାଇଥିଲା। ପୂଜା ସମୟରେ ସ୍ୱାସ୍ଥ୍ୟ ଓ ପରିମଳ,ପାନୀୟ ଜଳ ଯୋଗାଣ ଆଦି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟ୍ରାଫିକ ଓ ଯାନବାହନ ନିୟନ୍ତ୍ରଣ ପାଇଁ ପାର୍କିଂ ସ୍ଥାନ ଏବଂ ପୂଜା ମଣ୍ଡପ ସମ୍ମୁଖରେ ଆବଶ୍ୟକ ପୋଲିସ ମୁତୟନ କରାଯିବ ବୋଲି ଆଲୋଚନା ହୋଇଥିଲା। ପୂଜା ପରେ ଭସାଣି ସମୟରେ ନିୟମ ଅନୁସାରେ ମାଇକ ବଜାଇବା, ସାଂସ୍କୃତିକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ଥିବା ସମୟ ସୀମା ମଧ୍ୟରେ ଶେଷ କରିବା ଏବଂ ପୂଜା ମଣ୍ଡପ ସମ୍ମୁଖରେ ସିସିଟିଭି ଲଗାଯିବାକୁ ସମ୍ପୃକ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ପୂଜା ପୂର୍ବରୁ ସହରର ରାସ୍ତା ମରାମତି, ନାଳ,ନର୍ଦ୍ଦମା ଆଦି ପରିଷ୍କାର କରାଯିବା ଏବଂ ଚୋରାମଦ କାରବାର ପ୍ରତି ନଜର ରଖିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ପୂଜାମେଢ଼ ଭଷାଣୀ ଉତ୍ସବ ଓ ରାବଣପୋଡି ଆତସବାଜୀ ଉତ୍ସବ ସମୟରେ ପରସ୍ପର ମଧ୍ୟରେ ସଦଭାବନା ବଜାୟ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ଉପଜିଲାପାଳ ମହମ୍ମଦ ଅବଦୁଲ ଅଖତାର,ବାରିପଦା ସଦର ଏସଡିପିଓ ଅଭିମନ୍ୟୁ ନାୟକ ପ୍ରମୁଖଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ
୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ
ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ, ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
ଡ. ଦେବବ୍ରତ ସ୍ୱାଇଁ ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ୍ୟ ଯୋଗଦାନ କରିବେ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ
ଆପଣଙ୍କୁ ବିନୀତ ଅନୁରୋଧ।

ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା, ଭୁବନେଶ୍ୱର

08006/13/0001/1819

## ସଂକ୍ଷେପରେ

### ସିପେଟ୍ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା'

ବାଲେଶ୍ୱର ଅଫିସ,୩।୧୦- ସ୍ୱଚ୍ଛତାକୁ ଆଉ ଏକ ପାଦ ଆଗେଇ ନେବାରେ ପ୍ରୟାସ ଓ ଭାରତସରକାରଙ୍କ ନିର୍ଦ୍ଦେଶାନୁକ୍ରମେ ବାଲେଶ୍ୱର ସିପେଟ (ସେଣ୍ଟ୍ରାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି) 'ସ୍ୱଚ୍ଛତା ହିଁ ସେବା-୨୦୧୮' କାର୍ଯ୍ୟକ୍ରମ ଗତ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ସିପେଟର ମୁଖ୍ୟ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ମୁଖ୍ୟପ୍ରବନ୍ଧକ (ଯାନ୍ତ୍ରିକ) ଡା. ପ୍ରତାପ ଚନ୍ଦ୍ର ପାଢ଼ୀ ଓ କର୍ମଚାରୀମାନଙ୍କ ମିଳିତ ଉଦ୍ୟମରେ ଚାନ୍ଦିପୁର ବେଳାଭୂମି ଏବଂ ବାମପଦା ଉଦ୍ୟୋଗିକ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ପଦଯାତ୍ରା ଆୟୋଜିତ କରି କାର୍ଯ୍ୟକ୍ରମକୁ ସଫଳତା ପୂର୍ବକ ଉଦ୍‌ଯାପିତ କରିଥିଲେ।

### ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କଲେ ଏମ୍‌ପି

**ବାଲେଶ୍ୱର ଅଫିସ,୩।୧୦:** କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ହତାଧିକାରୀଙ୍କୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ଯୋଜନାରେ ସାମିଲ କରି କାର୍ଡବଣ୍ଟନ ଆରମ୍ଭ କରିଛନ୍ତି। ବାଲେଶ୍ୱର ଜିଲାରେ ମଙ୍ଗଳବାର ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ରେମୁଣାର ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କେନ୍ଦ୍ର ସରକାରଙ୍କ ଯୋଜନାରୁ ବାଦ୍ ପଡ଼ିଥିବା ସମସ୍ତ ବ୍ଲକ ଓ ନିର୍ବାଚନମଣ୍ଡଳୀରୁ ଏଥିପାଇଁ ହିତାଧିକାରୀ ଚୟନ କରାଯାଇଛି। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ରେମୁଣା ବ୍ଲକର ନରହରିପୁର, ମଙ୍ଗଳପୁରରେ କେତେକ ହିତାଧିକାରୀଙ୍କୁ କାର୍ଡ଼ ଦିଆଯାଇଛି। ଆସନ୍ତା ୧୦ ତାରିଖ ଭିତରେ ଜିଲାର ସମସ୍ତ ୬୮ ହଜାର ଲୋକଙ୍କୁ କାର୍ଡ଼ ପ୍ରଦାନ କରାଯିବ। ରାଜ୍ୟର ୩୦ ଜିଲା ମଧ୍ୟରୁ ୪ ଜିଲାରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

### ପେଟ୍ରୋଲ ଦର ବୃଦ୍ଧି ପ୍ରତିବାଦରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

**ବାଲେଶ୍ୱର ଅଫିସ,୩।୧୦:** ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବୁଧବାର ଅପରାହ୍ଣ ସମୟରେ ଅହେତୁକ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ୍‌ର ଦର ବୃଦ୍ଧିକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଜରିଆରେ ପ୍ରଦାନ କରାଯାଇଛି। ପେଟ୍ରୋଲ, ଡିଜେଲର ଦର ବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ୍ ଆକାଶ ଛୁଆଁ ହେବାକୁ ନେଇ ସିଭିଲ ସୋସାଇଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ଲକ୍ଷ୍ମୀଧର ବେହେରା, ଅନନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### 'ବିକାଶକୁ ନେଇ ବିଭ୍ରାନ୍ତି ସୃଷ୍ଟି କରା ନ ଯାଉ'

**ବାହାନଗା,୩।୧୦(ଡି.ଏନ.ଏ.):** ଅଞ୍ଚଳର ଉନ୍ନତି ସହ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ସତ୍ତ୍ୱେ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଶିଶୁ ଶ୍ରମିକ ନିଯୁକ୍ତି ଦିଆଯାଉଥିବା ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ମଙ୍ଗଳବାର ଖନ୍ତାପଡାସ୍ଥିତ ୧୬ ନଂ ଜାତୀୟ ରାଜପଥ କଡରେ ଥିବା ଫାଲ୍‌କୋନ ମେରାଇନ୍ ଏକ୍ସପୋର୍ଟ କମ୍ପାନୀ ତରଫରୁ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ପ୍ଲାଣ୍ଟ ଜେନେରାଲ ମ୍ୟାନେଜର ପ୍ରଭେଜ ପିଲେ କହିଥିଲେ, ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ସମ୍ପ୍ରତି ପ୍ଲାଣ୍ଟ ଉପରେ ଚଢାଉ କରାଯାଇଥିଲା। ଏଥିରେ କୌଣସି ନାବାଳିକା କିମ୍ବା ନାବାଳକ କାମ କରୁଥିବାର ପ୍ରମାଣ ମିଳି ନ ଥିଲା। ଯେଉଁମାନଙ୍କୁ ସେମାନେ ଧରି ନେଇ ଥିଲେ ଆଧାର କାର୍ଡରେ ବୟସ ଦେଖିବା ପରେ ସେମାନଙ୍କୁ ଛାଡିଦେଇଛନ୍ତି। ଏହି କମ୍ପାନୀ ପ୍ରତିଷ୍ଠା ହେବାଠାରୁ ଅଞ୍ଚଳର ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରି ଆସୁଛି। ପ୍ଲାଣ୍ଟରୁ ନିର୍ଗତ ଦୂଷିତ ପାଣିକୁ ଟ୍ରିଟ୍‌ମେଣ୍ଟ କରି ପରିଷ୍କାର କରାଯାଇ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ଖବରଦାତା ସମ୍ମିଳନୀରେ କମ୍ପାନୀର ଜେନେରାଲ ମ୍ୟାନେଜରଙ୍କ ସମେତ ପିଆରଓ ଉତ୍ତମ ଜେନା,ଏପିଆରଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବାଲେଶ୍ୱର ଏଫ୍ଏମ୍ ମହାବିଦ୍ୟାଳୟର ଏବିଭିପି ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଆସୁଛନ୍ତି।




କେକେଏସ୍ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।



ଖଇରା ମହାବିଦ୍ୟାଳୟ ଛାତ୍ରୀଛାତ୍ର।

# ପ୍ରାର୍ଥୀ, ସମର୍ଥକଙ୍କ ଶୋଭାଯାତ୍ରାରେ କମ୍ପିଲା କ୍ୟାମ୍ପସ୍

## ସବୁଠି ତାତି ସାଙ୍ଗକୁ ଭୀତି: ୬ କଲେଜରେ ନିର୍ବାଚନ ବାତିଲ

- ଗଣ୍ଡଗୋଳ ଯୋଗୁ ସୋର ଉପେନ୍ଦ୍ରନାଥ କଲେଜ, ବୋମା ଭୟ ଯୋଗୁ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟରେ ସାଇନ୍-ଏ-ଡାଏ, ଛାତ୍ରସଂସଦ ନିର୍ବାଚନ ବାତିଲ
- ଔପଦା ଯୁକ୍ତ ୩ କଲେଜ ଛାତ୍ର ସଂସଦ ନିର୍ବାଚନ ବାତିଲ
- ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୨ ପଦବୀ ଲାଗି ୫୦ , କେକେଏସ ମହିଳା କଲେଜରେ ୧୮ ପଦବୀ ଲାଗି ୪୦, ଦୀନକୃଷ୍ଣ ମହାବିଦ୍ୟାଳୟରେ ୩୫ ପଦବୀ ଲାଗି ୭୯, ରସାଳପୁର ଯଦୁନାଥ ଯୁକ୍ତ ୩ ମହାବିଦ୍ୟାଳୟରେ ୨୪ ପଦବୀ ଲାଗି ପ୍ରାର୍ଥିପତ୍ର ଦାଖଲ



କେକେଏସ୍ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ନାମାଙ୍କନ ଦାଖଲ କରୁଛନ୍ତି।

**ବାଲେଶ୍ୱର ଅଫିସ/ ସୋର/ସିମୁଳିଆ,୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଲାଗି କ୍ୟାମ୍ପସ ପରିବେଶ ସରଗରମ ହୋଇ ଉଠିଛି। ବୁଧବାର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ବିଭିନ୍ନ କଲେଜରେ ଆଶାୟୀ ପ୍ରାର୍ଥୀମାନେ ସମସର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସବୁଠି କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲାର ସୋର ଉପେନ୍ଦ୍ରନାଥ କଲେଜରେ ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ସେଠାରେ ଛାତ୍ରସଂସଦ ନିର୍ବାଚନକୁ ବୁଧବାର ବାତିଲ କରାଯାଇଛି। କର୍ତ୍ତୃପକ୍ଷ କଲେଜରେ ସାଇନ-ଏ-ଡାଏ ଘୋଷଣା କରିଛନ୍ତି । ସୋର ସ୍ଥିତ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନକୁ ଅନୁରୂପ ବାତିଲ କରି ସେଠାରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ବାଲେଶ୍ୱର ଜିଲା ଔପଦା ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଥିବା ସୂଚନା ମିଳିଛି। ସୋମବାର ଏହି ଜିଲାର ନୀଳଗିରି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଥିଲା। ସେଠାରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଜିଲାରେ ମୋଟ ୨୦ କଲେଜ ମଧ୍ୟରୁ ୧୩ କଲେଜରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହୋଇଥିବା ବେଳେ ତନ୍ମଧ୍ୟରୁ ୬ କଲେଜରେ ନିର୍ବାଚନ ବାତିଲ ହୋଇଥିବା ଜଣାପଡିଛି। ବାତିଲ ହୋଇଥିବା ୬ ମହାବିଦ୍ୟାଳୟ ମଧ୍ୟରେ ସିମୁଳିଆ ମହାବିଦ୍ୟାଳୟ,ଗୋପାଳପୁର ମହାବିଦ୍ୟାଳୟ, ଓ ମିତ୍ରପୁର ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟ ରହିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବାତାବାରଣରେ ଉଷ୍ମତା ଭରି ରହିଥିଲା। ଶୃଙ୍ଖଳିତ ଭାବେ ସେଠାରେ ୨୨ ପଦବୀ ଲାଗି ୫୦ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। କେକେଏସ ମହିଳା କଲେଜରେ ୧୮ ପଦବୀ ଲାଗି ୪୦ ଆଶାୟୀ ପ୍ରାର୍ଥିନୀ ନାମାଙ୍କନ ଦାଖଲ କରିଛନ୍ତି। ବୁଧବାର ସୋର ଉପେନ୍ଦ୍ରନାଥ କଲେଜରେ ଛାତ୍ରସଂସଦ ନିର୍ବାଚନକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାରୁ ଗଣ୍ଡଗୋଳ ଘଟିଥିଲା । ପରିସ୍ଥିତି ନିୟନ୍ତ୍ରଣ କରିବାକୁ କଲେଜ ଅଧକ୍ଷ ଲକ୍ଷ୍ମୀକାନ୍ତ ପାଢୀ ସୋର ପୋଲିସକୁ ଜଣାଇଥିଲେ । ପୋଲିସ ଆସି କଲେଜ ପରିସରକୁ ଜଗିରହିଥିଲେ । ପରେ ସ୍ଥିତିର ସମୀକ୍ଷା କରି ଅଧକ୍ଷ ପାଢୀ ଷ୍ଟାଫ କାଉନସିଲ ନିଷ୍ପତ୍ତି ଅନୁସାରେ କଲେଜକୁ ସାଇନ-ଏ-ଡ଼ାଏ ଘୋଷଣା କରି ନୋଟିସ୍ ଜାରି କରିଥିଲେ। ଏହି ସମ୍ବନ୍ଧରେ କଲେଜର ଅଧକ୍ଷ ଲକ୍ଷ୍ମୀକାନ୍ତ ପାଢୀଙ୍କୁ ପଚାରିବାରୁ କହିଛନ୍ତି, କଲେଜ ପରିସରରେ ଘଟିଥିବା ମାରପିଟ ଘଟଣାରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଏଠାରେ ଛାତ୍ର ସଂସଦ ନିର୍ବାଚନ ଲାଗି ପ୍ରାର୍ଥୀ ହେବା ସକାଶେ ନିୟମ ଅନୁଯାୟୀ ୭୫% ଉପସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା । ଅନେକ ଆଶାୟୀ ଛାତ୍ରୀଛାତ୍ରଙ୍କ ଉପସ୍ଥାପନା କମ୍ ଥିବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ଅଧିକ ଗଣ୍ଡଗୋଳ ଆଶଙ୍କା କରାଯିବାରୁ ଷ୍ଟାଫ କାଉନ୍‌ସିଲଙ୍କ ନିଷ୍ପତ୍ତି ଅନୁସାରେ ନିର୍ବାଚନକୁ ବାତିଲ କରି ଛାତ୍ରୀଛାତ୍ରଙ୍କୁ କଲେଜ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ପ୍ରାର୍ଥୀତ୍ର ଦାଖଲ ପୂର୍ବରୁ ସୋର ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ରାତିରେ ଦୁଇ ତିନୋଟି ବୋମା ଫୁଟିଥିଲା । ଏହାକୁ ବାଣ ବୋଲି କୁହାଯାଉଛି। ତେବେ କଲେଜ ପରିସରରେ ଥିବା ହଷ୍ଟେଲର ଛାତ୍ରୀମାନେ ଏଥିରେ ଆତଙ୍କିତ ହୋଇପଡ଼ିଥିଲେ । ଅଧକ୍ଷ ଏହି ସମ୍ବନ୍ଧରେ ସ୍ଥାନୀୟ ଅନନ୍ତପୁର ଫାଣ୍ଡିକୁ ଜଣାଇଥିଲେ । ଘଟଣାସ୍ଥଳରେ ଅନନ୍ତପୁର ଫାଣ୍ଡି ଓ ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳରୁ ଦୁଇଟି ଅଫୁଟା ବୋମାକୁ ଜବତ କରିଥିଲେ । ଏହି ସମ୍ବନ୍ଧରେ ଅଧକ୍ଷ ଭାଗୀରଥି ମହାନ୍ତି କହିଛନ୍ତି, ବୋମା ଫୁଟିବା ଆତଙ୍କକୁ କେନ୍ଦ୍ରକରି ଷ୍ଟାଫ୍ କାଉନ୍‌ସିଲର ନଷ୍ପତ୍ତି କ୍ରମେ କଲେଜକୁ ସାଇନ-ଏ-ଡାଏ ଘୋଷଣା କରାଯାଇଛି । ଏହି ଘୋଷଣାକୁ ନେଇ ବୁଧବାର କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେକ ଛାତ୍ର କିଛି ସମୟ ଗେଟରେ ତାଲା ପକାଇଦେଇଥିଲେ । ସୋର ପୋଲିସ ପରିସ୍ଥିତିକୁ ଆୟତ୍ତ କରିଥିଲା ।

ଆମ ଔପଦା ପ୍ରତିନିଧି ଜଣାଇଛନ୍ତି ଯେ, ଛାତ୍ର ଅଶାନ୍ତିକୁ କେନ୍ଦ୍ର କରି ଔପଦା ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଛି। କଲେଜ ପରିଚାଳନା କମିଟି ଓ ଷ୍ଟାଫ କାଉନସିଲ ମିଳିତ ବୈଠକ ବସି ଛାତ୍ର ସଂସଦ ନିର୍ବାଚନ ବାତିଲ୍ ନିଷ୍ପତ୍ତି ନିଆଯିବା ପରେ ବୁଧବାର ବିଧିବଦ୍ଧ ଭାବେ ଅଧକ୍ଷ କମଳାକାନ୍ତ ଦାସ ଏ ନେଇ ନୋଟିସ୍ ଜାରି କରିଛନ୍ତି। ଏହାକୁ ନେଇ ନାନା ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଗଣତାନ୍ତ୍ରିକ ଭାବେ ଛାତ୍ରମାନଙ୍କୁ ଗଣତାନ୍ତ୍ରକ ଅଧିକାରରୁ ବଞ୍ଚିତ କରାଯାଉଛି ବୋଲି କହୁଥିବା ବେଳେ ଅନ୍ୟମାନେ ନିର୍ବାଚନ ନାମରେ ଅଶାନ୍ତିକୁ ପ୍ରଶ୍ରୟ ଦିଆଯିବନି ବୋଲି କହିଛନ୍ତି।

ଆମ ଜଳେଶ୍ୱର ପ୍ରତିନିଧି ଜଣାଇଛନ୍ତି ଯେ, ଧାନସିମୁଳିଆ ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ସମୁଦାୟ ୩୬ ପଦବୀ ମଧ୍ୟରୁ ୩୫ ପଦବୀ ଲାଗି ୭୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରୁ ୫ ଜଣଙ୍କର ନାମାଙ୍କନପତ୍ରକୁ ପ୍ରାଥମିକ ସ୍ତରରେ ନାକଚ କରାଯାଇଥିବା ଅଧ୍ୟକ୍ଷ ଚୌଧୁରୀ ସୁରେଶ ଚନ୍ଦ୍ର ନନ୍ଦ ସୂଚନା ଦେଇଛନ୍ତି। ଏଠାରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା।

ଆମ ରସାଳପୁର ପ୍ରତିନିଧି ଜଣାଇଛନ୍ତି ଯେ, ବାଲେଶ୍ୱର ସଲ୍ଟ ରୋଡ଼ରେ ଥିବା ରସାଳପୁର ସ୍ଥିତ ଯଦୁନାଥ ଯୁକ୍ତ୩ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଲାଗି ବୁଧବାର ପ୍ରାର୍ଥୀପତ୍ର ଦାଖଲ ହୋଇଛି। ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ୨୪ ପଦବୀଲାଗି ଏଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ଣ ୯ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ଏବିଭିପିର ସମର୍ଥକମାନେ ପ୍ରାର୍ଥୀଙ୍କ ସହ ସ୍ଥାନୀୟ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରୁ ବିଶାଳ ଶୋଭାଯାତ୍ରାରେ ବାହାରି ୫ କି.ମି. ଆସିବା ପରେ କଲେଜ ଫାଟକ ନିକଟରେ ପହଞ୍ଚିଥିଲେ। ସେହିପରି ବିସିଜେଡିର ପ୍ରାର୍ଥୀମାନେ ସମର୍ଥକମାନଙ୍କ ସହ ବିଶାଳ ରାଲିରେ ଆସ କଲେଜ୍ ନିକଟରେ ପହଞ୍ଚିଥିଲେ। ପ୍ରାର୍ଥୀପତ୍ର ଦାଖଲ ଶାନ୍ତିଶୃଙ୍ଖଳାରେ ସରିଥିବା ଜଣାପଡିଛି।

### ଶୋଭାଯାତ୍ରା ଲାଗି ଜମିଲା ପରିବେଶ

ବୁଧବାର ବାଲେଶ୍ୱର ସହରରେ ବିଭିନ୍ନ କଲେଜରେ ଛାତ୍ର ସଂସଦ ନିର୍ବାଚନ ଲାଗି ପରିବେଶ ସରଗରମ ରହିଥିଲା। ଆଶାୟୀ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ବିଶାଳ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏବିଭିପି, ବିସିଜେଡ଼ି, ଏନ୍ଏସ୍‌ୟୁଆଇ ପ୍ରଭୃତି ଛାତ୍ର ସଂଗଠନର ଶୋଭାଯାତ୍ରା ଆକର୍ଷଣୀୟ ହୋଇଥିଲା। ଖଇରା ମହାବିଦ୍ୟାଳୟ, ରସାଳପୁର ଡ. ଯଦୁନାଥ ମହାବିଦ୍ୟାଳୟ, ରୂପ୍‌ସା ନୀଳମଣି ମହାବିଦ୍ୟାଳୟ, ଯୁଟିକିରି ଶାନ୍ତିଲତା ମହାବିଦ୍ୟାଳୟ, ବାଲିଆପାଳ ସ୍ଥିତ ଯୋଗେଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ଜାମଶୂଳୀ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଅମର୍ଦ୍ଦାରୋଡ଼ ସିଦ୍ଧେଶ୍ୱର କଲେଜ, ଜଳେଶ୍ୱର ଦୀନକୃଷ୍ଣ କଲେଜ, ଭୋଗରାଇ କମର୍ଦ୍ଦା କଲେଜ, ଭୋଗରାଇ ରିଜିଓନାଲ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ହାୟାର ଏଜୁକେସନ୍‌ରେ ଛାତ୍ର ସଂସଦ ନିର୍ବାଚନ ହେଉଛି।



ଏଫ୍ଏମ୍ ମହାବିଦ୍ୟାଳୟର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୋଭାଯାତ୍ରା।



ସୋର ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ଫାଟକ ଆଗରେ ଛାତ୍ରମାନେ ନିର୍ବାଚନ ବାତିଲ ବିରୋଧରେ ବିକ୍ଷୋଭ କରୁଛନ୍ତି।

### ଖଇରା ମହାବିଦ୍ୟାଳୟରେ ଦ୍ୱିମୁଖୀ ଲଢ଼େଇ

**ଖଇରା,(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ସଭାପତି,ସାଧାରଣ ସମ୍ପାଦକ,ନାଟ୍ୟ ସଂସଦ ଓ କ୍ରୀଡା ସଂସଦ ପାଇଁ ୨ଜଣ ଲେଖାଏ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରଛନ୍ତି। ଗୁରୁବାର ଯାଞ୍ଚ ପରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏଥର ଏଠାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ ବୋଲି କୁହାଯାଉଛି ।

## ରେମୁଣା ବ୍ଲକର ୭ ପଞ୍ଚାୟତରେ ଫ୍ଲୋରୋସିସ୍ ପ୍ରଭାବ ବୃଦ୍ଧି

**ବାଲେଶ୍ୱର ଅଫିସ,୩।୧୦**

ବାଲେଶ୍ୱର ଜିଲା ଫ୍ଲୋରାଇଡ଼ ନିୟନ୍ତ୍ରଣ କମିଟି ଓ ଇନରେମ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ଣ ୧୦ଟାରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଫ୍ଲୋରସିସ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଜିଲାର କେତେକ ଅଞ୍ଚଳରେ ପାଣିରେ ମାତ୍ରାଧିକ ଫ୍ଲୋରାଇଡ ରହୁଥିବାରୁ ଫ୍ଲୋରୋସିସ ରୋଗର ପ୍ରାଦୁର୍ଭାବ ବଢ଼ିଥିବା ଯୋଗୁ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷ କରି ରେମୁଣା ବ୍ଲକର ୭ଗୋଟି ପଞ୍ଚାୟତରେ ଏହାର କୁପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କର ସହଯୋଗ ଲୋଡ଼ିଥିଲେ। ଏଥିସହିତ ବର୍ଷାପାଣି ଅମଳ, ଦୈନନ୍ଦିନ ବ୍ୟବହାର ଏବଂ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ସହିତ ସଜନା ଶାଗ ଖାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ରେମୁଣା ତହସିଲଦାର, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ, ଏନଜିଓ ଅକ୍ସଫାମର ପ୍ରତିନିଧି ବିମଳ ପାଣ୍ଡ୍ୟା, ୱାଟର ଏଡର ବିକାଶ ପତି ପ୍ରମୁଖ ଉପସ୍ଥିତ ରହି ଫ୍ଲୋରୋସିସ ନିୟନ୍ତ୍ରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଇନରେମ ଫାଉଣ୍ଡେସନର ପ୍ରତିନିଧି ଶୁଭଶ୍ରୀ ବାନାର୍ଜୀ ଫ୍ଲୋରୋସିସ ସମ୍ପର୍କରେ ରେମୁଣା ବ୍ଲକରେ ହୋଇଥିବା ସର୍ଭେ, ବର୍ତ୍ତମାନର ସ୍ଥିତି ଓ ନିରାକରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଉପସ୍ଥାପନା କରିଥିଲେ। ଫ୍ଲୋରୋସିସ ନିୟନ୍ତ୍ରଣ ସମ୍ପର୍କରେ ପ୍ରସ୍ତୁତ ଏକ ବାର୍ଷିକ ଯୋଜନା ନେଇ ଆଲୋଚନା ହୋଇଥିଲା। ଜିଲାପରିଷଦ ଅଧକ୍ଷା ନିବେଦିତା ମହାନ୍ତି, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

## ପୁରସ୍କୃତ ହେଲେ ୩୯ କୃତୀ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୩।୧୦ :** ଚାରି ଜିଲାର ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୩୯ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଏରିନା ଏଜୁକେଶନ୍ ଆୱାର୍ଡ ୨୦୧୮ ସମ୍ମାନରେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱର କାଳିଦାସପୁରସ୍ଥିତ ଉତ୍କଳ ବାଣୀ ପରିସରରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ସେବା ପ୍ରଦାନକାରୀ ସ୍ମାର୍ଟ ଏରିନାର ବିଭିନ୍ନ ଉତ୍ପାଦନର ସେବା ଆରମ୍ଭ ଅବସରରେ ସଂସ୍ଥା ଆନୁକୂଲ୍ୟରେ ପ୍ରଥମଥର ପାଇଁ ଏହି ଆୱାର୍ଡ ଦିଆଯାଇଛି। ସଭାରେ ବାଲେଶ୍ୱର ଡିଓସିସିର ବିଶପ୍ ସାଇମନ କାଇପୁରମ୍ ମୁଖ୍ୟଅତିଥି, ନୋସି ବିଜିନେସ ପାର୍କର ନିର୍ଦ୍ଦେଶକ ମୁଖ୍ୟ ଅମିତ ବେହେରା ସମ୍ମାନିତ ଅତିଥି, ଏକ୍ସଟ୍ରା ମାର୍କସର ଶିରିଶ ମାନ ବଟୁ ଓ ବାଲେଶ୍ୱର କନଭେଣ୍ଟ ସ୍କୁଲର ପ୍ରିନ୍ସପାଲ ସିଷ୍ଟର କ୍ରିପା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏରିନାର ଫାଦର ଜୋଜୋ, ଫାଦର ଲିଜୋ, ଫାଦର ସାଜି ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲିଟିଲ୍ ମାଷ୍ଟର ସାଜିଲେ ଗାନ୍ଧୀ

**ବାଲେଶ୍ୱର ଅଫିସ,୩।୧୦**

ବାଲେଶ୍ୱର ବସ୍‌ଷ୍ଟାଣ୍ଡ ନିକଟସ୍ଥ ନାଚ୍ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏଥର ନିଆରା ଢ଼ଙ୍ଗରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଲିଟିଲ ଗାନ୍ଧୀ ଫ୍ୟାନ୍‌ସି ଡ୍ରେସ୍, ଗାନ୍ଧୀ ବିଷୟ ସମ୍ପର୍କିତ ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା। ପିଲାମାନେ ବିଭିନ୍ନ ରାଷ୍ଟ୍ରନେତାଙ୍କ ବେଶ ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ସେଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ୟଜୀବୀ କର୍ମୀ ଭାନୁମିତ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସମାଜସେବା ବିଭାଗର ପ୍ରଫେସର ଡ. ଦିଲ୍ଲୀପ କୁମାର ମିଶ୍ର ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଯୁବ ବନ୍ୟଜୀବୀ କର୍ମୀ ତଥା ସର୍ପ ଗବେଷକ ଅଭିଷେକ ଆଚାର୍ଯ୍ୟ ସମାରୋହକୁ ସମ୍ବୋଧିତ କରି ନାଚ୍ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଚନ୍ଦ୍ରଭାଗା ନିର୍ଦ୍ଦେଶକ କବି ଶ୍ରୀଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀ ଓ ସମସ୍ତ ଲିଟିଲ୍ ଗାନ୍ଧୀମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଂଗଠକ ଅଭ୍ୟୁଦୟ ଦାସ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଅରୁଣାଂଶୁ ପାଣିଗ୍ରାହୀ, ରୋନାଲିସା ପଣ୍ଡା, ଗୁରୁ ଏସ୍.କେ. ରାଜା, ଲିପ୍‌ସା ନାୟକ ଓ ଦୀପକ ଉଦୟ ପୁରିଆ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ନାଚ୍ ଡ୍ୟାନ୍ସ ଉତ୍ସବରେ ପ୍ରତିଯୋଗୀଙ୍କ ସହ ଅତିଥି ଓ କର୍ମକର୍ତ୍ତାମାନେ।

## ଆଜି କ'ଣ କେଉଁଠି

### ଭଦ୍ରକ

- ଅଷ୍ଟଦଶ ଭଦ୍ରକ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ଣ ୨ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ।

## ସଂକ୍ଷେପରେ

### ସୁନାଚେନ୍, ମଙ୍ଗଳସୂତ୍ର ଲୁଟ୍ ଘଟଣା: ୨ ଗିରଫ

**ଭଣ୍ଡାରିପୋଖରୀ, ୩।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଡାହାଲା ଛକସ୍ଥିତ କୁଞ୍ଜବନ ହୋଟେଲ ନିକଟରୁ ସ୍କୁଟି ଆରୋହୀଙ୍କଠାରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଲୁଟ୍ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଈଶ୍ୱର ସାହୁ ଓ ଅଶୋକ ଘଡ଼େଇ। ସେମାନଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆମ୍ବ୍ରୋଳି ଗ୍ରାମରେ। ଲୁଟ୍‌ର ଶିକାର ହୋଇଥିବା ଜୟନ୍ତୀ ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୮/୧୮) ରୁଜୁ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ଲୁଟ୍ ଅଳଙ୍କାର ଉଦ୍ଧାର ହୋଇପାରି ନାହିଁ। ଲୁଟ୍ ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ଥାନାଧିକାରୀ ଅମିତ କୁମାର ବିଶ୍ୱାଳ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ବେଆଇନ ଗୋଚାଲାଣ: ଗିରଫ ସଂଖ୍ୟା ୭

**ଧାମନଗର,୩।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଅସୁରାଳୀ ବଜାରରେ ଗତ ରବିବାର ବେଆଇନ ଗୋଚାଲାଣ ନେଇ ତୁମୁଳକାଣ୍ଡ ଘଟିଥିଲା। ଧୂଷୁରୀ ଥାନା ପୋଲିସ ଗୋ ଚାଲାଣ ହେଉଥିବା ୭ ଗାଡ଼ି ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ୭ ଜଣ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭଦ୍ରକ କୁଆଁଶ ଗ୍ରାମର ସେକ୍ ଜାମୁ, ଶଙ୍କରପୁର ଗ୍ରାମର ସେକ୍ ଗୁଲାମ ମୁସ୍ତାଫା, ନୀଳକଣ୍ଠପୁର ଗ୍ରାମର ସେକ୍ ସମିଲ କାଦିର ଏବଂ ଗୁଜିଦରଡ଼ାର ଏକ୍ରମୁଲ ହାକୁ। ସେହିପରି ଧୂଷୁରୀ ପୋଲିସ ବୁଧବାର ଆଉ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ପୁରୁଣା ବଜାର ଧନଟୋଲା ଗ୍ରାମର ସେକ୍ ମୁକ୍ତାର, ଭଦ୍ରକ କାଜିମହଲାର ସେକ୍ ସୟଦ ଏବଂ କୁଆଁଶ ଗ୍ରାମର ସେକ୍ ମୁନା। ଆଇଆଇସି ରାମ ମୁର୍ମୁ ପୋଲିସ ଟିମ୍ ନେଇ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୬୧/୧୮) ରୁଜୁ କରାଯାଇଛି।

### ଖବରଦାତାଙ୍କ ଉପରେ ଆକ୍ରମଣର ପ୍ରତିବାଦ

**ଚାନ୍ଦବାଲି,୩।୧୦(ଡି.ଏନ.ଏ.):** ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା ଓ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ପୂର୍ବାହ୍ଣରେ ଚାନ୍ଦବାଲିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ବନମାଳୀ ଗେଷ୍ଟ ହାଉସର କନଫରେନ୍ସ ହଲ୍‌ରେ ସଭା ହୋଇଥିଲା। ଚାନ୍ଦବାଲି ବ୍ଲକର ଖବରଦାତାମାନେ ଏଥିରେ ଯୋଗଦେଇ ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ କରିଥିଲେ। ପରେ ସେମାନେ ଏକ ଶୋଭାଯାତ୍ରାରେ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସତ୍ୟଜିତ୍ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଖବରଦାତା ଅଜୟ ଦାଶ, ଅଶୋକ ପଣ୍ଡା, ଭାନୁପ୍ରକାଶ ବେହେରା, ଅଭୟ ପତି, ସୁଧୀର ମହାନ୍ତି, ଅରୁଣ ସାହୁ, ଭାଗ୍ୟରଥୀ ସେଠୀ, ଦେବାଶିଷ ପାଢ଼ୀ, ମାନସ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଭାଜପା ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଆରଡି, ୩।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକର ରଇପୁର ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଭାଜପା ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଭାଜପାର ୫୦ରୁ ଅଧିକ କର୍ମୀ ଗ୍ରାମର ବିଭିନ୍ନ ରାସ୍ତାଘାଟ ଓ ନଳକୂପ ଚାରିପାଖ ସଫା କରିଥିଲେ। ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଦଳର ବରିଷ୍ଠ କର୍ମକର୍ତ୍ତା ପ୍ରଶାନ୍ତ କୁମାର ନାୟକ, ଭାଗବତ ଖଟୁଆ, ଉମେଶ ବେହେରା, ଅକ୍ଷୟ ଖଟୁଆ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# କଲେଜ କ୍ୟାମ୍ପସରେ ବଢ଼ିଲା ତାତି

**ଭଦ୍ରକ ଅଫିସ, ୩।୧୦**



ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ପ୍ରାର୍ଥୀ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ ପାଇଁ ଯାଉଛନ୍ତି।

- ଶାନ୍ତିଶୃଙ୍ଖଳା ବଜାୟ ରହିଲେ ନିର୍ବାଚନରେ ବାଧା ନାହିଁ
- ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମୁଦାୟ ୩୫ ନାମାଙ୍କନପତ୍ର
- ଚରମ୍ପା ମହାବିଦ୍ୟାଳୟରେ ୨୫, ଭଦ୍ରକ ମହିଳା ମହାବିଦ୍ୟାଳୟରେ ୨୪ ନାମାଙ୍କନ ଦାଖଲ
- ୧୧ରେ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରଚାର ଜୋର୍

ଭଦ୍ରକ ଜିଲାର ବିଭିନ୍ନ କଲେଜରେ ବଢ଼ିଛି ନିର୍ବାଚନୀ ତାତି। ବିଭିନ୍ନ କଲେଜରେ ଛାତ୍ରସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଦାଖଲ ହୋଇଛି। ଆଶାୟୀ ପ୍ରାର୍ଥୀମାନେ ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଥିଲେ। ଏଥିପାଇଁ କଲେଜ କ୍ୟାମ୍ପସ୍ ଚଳଚଞ୍ଚଳ ରହିଥିଲା। ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ଜିଲାରେ ୨ ଦିନ ପୂର୍ବରୁ ଧାମନଗର ମହାବିଦ୍ୟାଳୟରେ ସାଇନ ଏ ଡାଏ ଘୋଷଣା ହୋଇଛି। କଲେଜ ପରିସରରେ ବୋମାମାଡ଼ ଓ ଅଶାନ୍ତ ପରିବେଶ କାରଣରୁ ମହାବିଦ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ତେବେ ଅନ୍ୟତ୍ର କ୍ୟାମ୍ପସ ବାତାବରଣ ଠିକ୍‌ଠାକ୍ ରହିଥିବା ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ବଜାୟ ରହିଲେ ନିର୍ବାଚନ କରିବାରେ ବାଧା ଉପୁଜିବ ନାହିଁ ବୋଲି କଲେଜ କର୍ତ୍ତୃପକ୍ଷ ଦର୍ଶାଉଛନ୍ତି। ଅନ୍ୟପକ୍ଷେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସବୁଠି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଛାତ୍ରୀଛାତ୍ର ଦାବି କରିଥିବା ଜଣାପଡ଼ିଛି।

ବୁଧବାର ଭଦ୍ରକ ସହରର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା ମହାବିଦ୍ୟାଳୟ ଓ ଭଦ୍ରକ ମହିଳା ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ ବେଳେ ବେଶ୍ ଭିଡ଼ ଜମିଥିଲା। ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମୁଦାୟ ୩୫ଜଣ ଛାତ୍ରୀଛାତ୍ର ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ୫ ଓ ଉପସଭାପତି ୪, ସମ୍ପାଦକ ୪ ଓ ସହସମ୍ପାଦକ ପଦ ପାଇଁ ୪ ଜଣ ଲେଖାଏ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ଚରମ୍ପା ମହାବିଦ୍ୟାଳୟର ୧୪ ପଦବୀ ପାଇଁ ୨୫ ଆଶାୟୀ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି। ଭଦ୍ରକ ମହିଳା ମହାବିଦ୍ୟାଳୟର ୨୪ ଜଣ ଛାତ୍ରୀ ନାମାଙ୍କନ ଦାଖଲ କରିଛନ୍ତି। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ପରେ ଆଶାୟୀ ପ୍ରାର୍ଥୀମାନେ ଏଥର ବିଭିନ୍ନ ନୂଆ ତରିକାରେ ପ୍ରଚାର ଅଭିଯାନ ଆରମ୍ଭ କରିଥିବା ଲକ୍ଷ୍ୟ କରାଯାଉଛି। ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ପ୍ରତିଦ୍ୱନ୍ଦ୍ୱୀମାନେ କିଭଳି ତରିକାରେ ସମର୍ଥନ ଯୋଗାଡ଼ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସୋସିଆଲ ମିଡିଆ ଏବେ ପ୍ରଚାରର ମୁଖ୍ୟ ମାଧ୍ୟମ ହୋଇଛି। ଲିଙ୍ଗ୍‌ଡୋ କମିଶନଙ୍କ କଟକଣାକୁ ଦୃଷ୍ଟିରେ ରଖି ସମସ୍ତେ ପ୍ରଚାର ଅଭିଯାନ ଚଳାଇବାକୁ ପ୍ରସ୍ତୁତି କରିଥିବା ସୂଚନା ମିଳିଛି। ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ନିର୍ବାଚନ ପ୍ରସ୍ତୁତିକୁ ଜୋର୍‌ଦାର କରିଛନ୍ତି।

ଉଲ୍ଲେଖନୀୟ ଯେ, ଆସନ୍ତା ଗୁରୁବାର ପୂର୍ବାହ୍ଣ ୧୧ଟାରେ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା କଲେଜରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ପରେ ଅପରାହ୍ଣ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ 'ହ୍ୱାଟ ଆଇ ଷ୍ଟାଣ୍ଡ୍ ଫର୍' ସଭା ହୋଇ ୧୧ ତାରିଖରେ ନିର୍ବାଚନ ହେବ। ସେଦିନ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଅପରାହ୍ଣ ୨ଟା ପରଠାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖ ପୂର୍ବାହ୍ଣ ୧୧ଟାରେ କଲେଜ ସଭାକକ୍ଷରେ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ ବୋଲି ସରକାରୀସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଏଥର ଜମିବ ପ୍ରତିଦ୍ୱନ୍ଦ୍ୱିତା

**ତିହିଡ଼ି/ଭଣ୍ଡାରିପୋଖରୀ/ବାସୁଦେବପୁର,୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ କଲେଜରେ ଛାତ୍ରସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଦାଖଲ ହୋଇଛି। ବିଭିନ୍ନ ପଦବୀ ଦୌଡ଼ରେ ଅଧିକ ଆଶାୟୀ ଥିବାରୁ ଏଥର ପ୍ରତିଦ୍ୱନ୍ଦ୍ୱିତା ଜମିବ ବୋଲି କୁହାଯାଉଛି। ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟରେ ବିଭିନ୍ନ ପଦବୀ ପାଇଁ ମୋଟ ୨୩ନାମାଙ୍କନପତ୍ର ଦାଖଲ ହୋଇଛି। ସଭାପତି ପଦ ପାଇଁ ୩, ଉପସଭାପତି ୨, ସାଧାରଣ ସମ୍ପାଦକ ୩, ସହସମ୍ପାଦକ ୨, ନାଟ୍ୟସଂସଦ ସମ୍ପାଦକ ଓ ସହସମ୍ପାଦକ, କ୍ରୀଡ଼ା ସମ୍ପାଦକ ଓ ସହକ୍ରୀଡ଼ା ସମ୍ପାଦକ, ଡିଏସ୍ଏ ସମ୍ପାଦକ, ସହଡିଏସ୍ଏ ସମ୍ପାଦକ ପାଇଁ ୨ଟି ଲେଖାଏ ନାମାଙ୍କନପତ୍ର ଦାଖଲ କରାଯାଇଛି। ଗୁରୁବାର ନାମାଙ୍କନପତ୍ର ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ବୋଲି କଲେଜ ସୂତ୍ରରୁ ଜଣାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ମହାବିଦ୍ୟାଳୟରେ ୨୩ ଆଶାୟୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପାଇଁ ୩ ଜଣ ନାମାଙ୍କନ ଦାଖଲ କରିଥିବାବେଳେ ୯ ପଦବୀ ପାଇଁ ୧୮ ଜଣ ଓ ୨ଟି ପଦବୀ ପାଇଁ ଜଣେ ଲେଖାଏ ନାମାଙ୍କନ ଦାଖଲ କରିଥିବାରୁ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ସେହିପରି ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ଯୁକ୍ତ ୩ ଛାତ୍ରସଂସଦ ନିର୍ବାଚନ ପାଇଁ ମୋଟ ୧୮୭ ପ୍ରାର୍ଥୀପତ୍ର ଦାଖଲ ହୋଇଛି।

## ସହମତିରେ ହେଲା ଛାତ୍ରସଂସଦ


ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦର ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା।

**ବନ୍ତ,୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସଦରମହକୁମାସ୍ଥିତ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ଚଳିତବର୍ଷ ନିର୍ବାଚନ ନ ହୋଇ ଉଭୟ ଛାତ୍ର ସଂଗଠନର ସହମତି ଭିତ୍ତିରେ ଛାତ୍ରସଂସଦ ଗଠିତ ହୋଇଛି। ବୁଧବାର ଛାତ୍ରସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବାର ଦିନ ଧାର୍ଯ୍ୟ କରାଯାଇଥିଲା। ବିଭିନ୍ନ ଛାତ୍ର ସଂଗଠନ କଲେଜ ପରିସରରେ ପହଞ୍ଚିଥିଲେ। ଛାତ୍ର ସଂଗଠନକୁ ନେଇ କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଛାତ୍ର ସଂଗଠନ ଆଲୋଚନା କରି ସହମତିରେ ଛାତ୍ରସଂସଦ ଗଠନ ଲାଗି ନିଷ୍ପତ୍ତି ନେଇଥିଲେ। ମୋଟ ୧୪ ପଦକୁ ଉଭୟ ଛାତ୍ର ସଂଗଠନ ଅଧା ଲେଖାଏ ବାଣ୍ଟି ନେବାକୁ ଧାର୍ଯ୍ୟ ହୋଇଥିଲା। ସର୍ବସମ୍ମତି କ୍ରମେ ଏହା ଗୃହୀତ ହେବା ପରେ ସମ୍ପାଦକ ଓ ସହସମ୍ପାଦକ ସମେତ ୭ ପଦବୀ ବିସିଜେ ନେଇଥିଲା। ସେହିପରି ଏନ୍ଏସ୍‌ୟୁଆଇ ଓ ଏଆଇଏସ୍ଏଫ୍ ପକ୍ଷରୁ ଗଠିତ ମିଳିତ ଛାତ୍ର ସଂଗଠନ ୭ ପଦବୀ ନେଇଥିଲା। ମିଳିତ ଛାତ୍ର ସଂଗଠନ ପକ୍ଷରୁ ସୁଧାଂଶୁ ଦାଶ ସଭାପତି, ଶୁଭଶ୍ରୀ ଜେନା ଉପସଭାପତି, ପୁଷ୍ପିତା ନାୟକ ନାଟ୍ୟ ସମ୍ପାଦିକା, ପୂର୍ଣ୍ଣଚନ୍ଦ୍ର ସାହୁ କ୍ରୀଡ଼ା ସମ୍ପାଦକ, ଦୁର୍ଗାଚରଣ ପଲେଇ ଡିଏସ୍ଏ ସହସମ୍ପାଦକ, ସରୋଜିନୀ ଜେନା ମହିଳା ପ୍ରତିନିଧି ଏବଂ ଗାୟତ୍ରୀ ବାରିକଙ୍କୁ ଯୁକ୍ତ ୩ ତୃତୀୟ ବର୍ଷ କଳା ଶ୍ରେଣୀ ପ୍ରତିନିଧି ଭାବେ ଚୟନ କରାଯାଇଥିବା ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ଗୁରବାର ଏ ସମ୍ପର୍କରେ ସରକାରୀ ଭାବେ ଘୋଷଣା କରାଯିବ ବୋଲି ଜଣାଯାଇଛି। ମିଳିତ ଛାତ୍ର ସଂଗଠନର ବିଜୟୀ ପ୍ରାର୍ଥୀଙ୍କୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ୧୬ନମ୍ବର ଜୋନ୍ କଂଗ୍ରେସ ସଭାପତି ନିରଞ୍ଜନ ମଲ୍ଲିକ, ମାର୍କଣ୍ଡ ବେହେରା, ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁ, ସିପିଆଇ ବନ୍ତ ଜୋନ୍ ସହସମ୍ପାଦକ ପରମେଶ୍ୱର ବାରିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ।

### ମେଡିକାଲ କଲେଜ ପ୍ରତିଷ୍ଠା ନେଇ ପଦଯାତ୍ରା ଆରମ୍ଭ

**ଭଦ୍ରକ ଅଫିସ,୩।୧୦**

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବିଜୁସ୍ମୃତି ଜିଲା କମିଟି ପଦଯାତ୍ରା ଆରମ୍ଭ କରିଛି। ଏଥିପାଇଁ କମିଟି ଅଧ୍ୟକ୍ଷା ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ଜରୁରୀ ବୈଠକ ଡକାଇ ଭଦ୍ରକ ଭଳି ଐତିହାସିକ ସମ୍ପନ୍ନ ଜିଲାରେ ମେଡିକାଲ କଲେଜ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଗତ ୨ ତାରିଖରୁ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଉତ୍ସବରେ ସେମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରା ଆରମ୍ଭ ହୋଇଛି। ଭଦ୍ରକ, ବନ୍ତ, ଆଗରପଡ଼ା, ତିହିଡି, ଚାନ୍ଦବାଲି, ବାସୁଦେବପୁର ଇତ୍ୟାଦି ସ୍ଥାନରେ କମିଟିର କର୍ମୀମାନେ ପଦଯାତ୍ରାରେ ସାମିଲ ହେବେ। ଏହାବ୍ୟତୀତ ଖବରଦାତାଙ୍କ ସୁରକ୍ଷା, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଗୁରୁବାର ପ୍ରତି ବ୍ଲକରେ କର୍ମୀମାନେ ସରକାରୀ ମେଡିକାଲ କଲେଜ ସ୍ଥାପନ ନେଇ ଧାରଣାରେ ବସିବେ ବୋଲି ସୂଚନା ଦିଆଯାଇଛି।

## 'ପ୍ଲାଷ୍ଟିକ୍‌ମୁକ୍ତ ସମାଜ' ନାଟକ ମଞ୍ଚସ୍ଥ


ଛାତ୍ରୀଛାତ୍ର 'ପ୍ଲାଷ୍ଟିକମୁକ୍ତ ସମାଜ' ନାଟକ ପରିବେଷଣ କରୁଛନ୍ତି।

**ଭଦ୍ରକ ଅଫିସ, ୩।୧୦**

ଭଦ୍ରକ ଜିଲା ଆଦାନୀ ଧାମରା ପୋର୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୋସିଙ୍ଗା ପଞ୍ଚାୟତର ଯୁଥ କ୍ଲବର ସଦସ୍ୟ, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର କର୍ମୀ, ପୋର୍ଟ କର୍ମଚାରୀ ପ୍ରମୁଖ ଦୋସିଙ୍ଗା ବଜାରକୁ ପରିଷ୍କାର କରିବା ସହ ପ୍ଲାଷ୍ଟିକ୍‌ମୁକ୍ତ ସମାଜ ଗଠନ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ। ଆଦାନୀ ଫାଉଣ୍ଡେଶନର ସ୍ୱଚ୍ଛାଗ୍ରହ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ୧୦ ଜଣ ଛାତ୍ରୀଛାତ୍ର ସ୍ୱଚ୍ଛତା ଆଧାରିତ 'ପ୍ଲାଷ୍ଟିକ୍‌ମୁକ୍ତ ସମାଜ' ନାଟକ ପରିବେଷଣ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷକ, ଧାମରା ପୋର୍ଟ କର୍ମଚାରୀ, ଅଭିଭାବକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନାଟକକୁ ବହୁ ପ୍ରଶଂସା କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ କରଞ୍ଜମାଳ ଓ କଇଥଖୋଲା ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଏକ ଦଳ ପୋର୍ଟ ପରିଭ୍ରମଣ କରିଥିଲେ। ଏହାପରେ ପୋର୍ଟ ସିଇଓ ସୁବ୍ରତ ତ୍ରିପାଠୀଙ୍କ ସହ ଏକ ବୈଠକରେ ବରିଷ୍ଠ ନାଗରିକମାନେ ସେମାନଙ୍କର ଅଭିଜ୍ଞତା, ଅନୁଭବ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଇଓ ତ୍ରିପାଠୀ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଛାତ୍ରୀଙ୍କୁ ଅସୌଜନ୍ୟ ବ୍ୟବହାର ନେଇ ଉତ୍ତେଜନା

**ବାସୁଦେବପୁର,୩।୧୦(ଡି.ଏନ.ଏ.)**

**ଶିକ୍ଷକ ନିଲମ୍ବିତ**

ବାସୁଦେବପୁର ବ୍ଲକ ଅଣ୍ଡୁଆ ପଞ୍ଚାୟତର ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିବା ଘଟଣା ନେଇ ବୁଧବାର ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକ ଗୋପରଞ୍ଜନ ମଲ୍ଲିକଙ୍କୁ ବିଇଓ ଚିଠି ନମ୍ବର ୨୭୦୪ରେ ନିଲମ୍ବନ କରିଛନ୍ତି। ସୋମବାର ବିଦ୍ୟାଳୟରେ ଏହି ଘଟଣା ଘଟିଥିଲା। ସମ୍ପୃକ୍ତ ଛାତ୍ରୀଙ୍କ ମା' ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କେତେକ ଗ୍ରାମବାସୀ ଓ ସ୍କୁଲ କମିଟି ସଦସ୍ୟ ବୁଧବାର ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସମ୍ପୃକ୍ତ ଶିକ୍ଷକ ଛୁଟି ଦରଖାସ୍ତ ଦେଇ ବିଦ୍ୟାଳୟରୁ ପଳାଇଯାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଜଣାଇବା ପରେ ବିଇଓ ରବୀନ୍ଦ୍ର ନାରାୟଣ ମଲ୍ଲିକ ଅପରାହ୍ଣ ସାଢ଼େ ୩ ଟାରେ ଉକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଇଓ ସମ୍ପୃକ୍ତ ଛାତ୍ରୀ, ତାଙ୍କ ଅଭିଭାବକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କଠାରୁ ଏ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସମ୍ପୃକ୍ତ ଶିକ୍ଷକ ଛୁଟି ଦରଖାସ୍ତ ଦେଇ ପଳାଇ ଯାଇଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ।

### ଅଖିଳ ଭାରତ ପ୍ରଦର୍ଶନୀ ବସ୍ ଅଭିଯାତ୍ରୀଙ୍କୁ ସ୍ୱାଗତ

**ଭଦ୍ରକ ଅଫିସ,୩।୧୦**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକ ଓ ଯୁବପ୍ରଭାଗ ରାଜଯୋଗ ଏଜୁ୍ୟକେଶନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନର ମିଳିତ ସହଯୋଗରେ ଅଖିଳ ଭାରତୀୟ ପ୍ରଦର୍ଶନୀ ବସ୍ ଅଭିଯାନକୁ ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟରେ ସ୍ୱାଗତ କରାଯାଇଛି। ଜଗନ୍ନାଥ ମନ୍ଦିର ନିକଟରେ ଅଭିଯାତ୍ରୀମାନଙ୍କୁ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଣ୍ଡିତ ଦୟାନିଧି ଦାଶ, ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀଙ୍କ ସମେତ ଶତାଧିକ ସହରବାସୀ ସ୍ୱାଗତ ଜଣାଇଥିଲେ। ଅଭିଯାତ୍ରୀମାନେ ବିଭିନ୍ନ କଲେଜ, ଆର୍‌ସିବିଏଲ୍ ହାଇସ୍କୁଲ, ଭଦ୍ରକ ଜେଲ୍, ଟାଉନହଲ୍ ପରିସରରେ ଯୁବପିଢ଼ିଙ୍କୁ ସ୍ୱଚ୍ଛଭାରତ, ସୁସମାଜ ଗଠନ ନେଇ ସଚେତନ କରାଇଥିଲେ।

## 'ନିଶାକୁ ନା' ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୩।୧୦(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ 'ନିଶାକୁ ନା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁବବାହିନୀର ସଦସ୍ୟମାନେ ପଞ୍ଚାୟତର ବିଭିନ୍ନ ସ୍ଥାନ ସଫେଇ କରିବା ସହ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ନେଇଥିଲେ। ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମରେ ଯୁବବାହିନୀର ବ୍ଲକ ସଂଯୋଜକ ଚିତ୍ତ ମହାଳିକ, ସଭାପତି ଦିବ୍ୟମୟ ସାହୁ, ସମ୍ପାଦକ ନିହାରେନ୍ଦୁ ବଳ, ସରପଞ୍ଚଙ୍କ ପ୍ରତିନିଧି ପୃଥ୍ୱୀରାଜ ବିଶ୍ୱାଳ, ସମିତିସଭ୍ୟ ବନଜ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ସତ୍ୟସୁନ୍ଦର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଡ଼ତାଳ ପଞ୍ଚାୟତରେ ପ୍ରୀତିପ୍ରକାଶ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ଦାସ, ଚିନ୍ମୟ ପଲାଇ, ସରପଞ୍ଚ ଜୟକୃଷ୍ଣ ନାୟକ, ସମିତିସଭ୍ୟା ଗୋଦାବରୀ ପଲାଇ ଏବଂ ଜଗନ୍ନାଥପ୍ରସାଦ ପଞ୍ଚାୟତଠାରେ ସଭାପତି ରମେଶ ଦାସ, ସମ୍ପାଦକ ରମେଶ ଦତ୍ତ, ସରପଞ୍ଚ ଶାନ୍ତିଲତା ଦାସ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ନାଏବ ସରପଞ୍ଚ ନାରାୟଣ ବାରିକ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ସେହିପରି ଲକ୍ଷ୍ମୀଦାସପୁରଠାରେ ଯୁବବାହିନୀର ସଭାପତି ପବିତ୍ର ରଞ୍ଜନ ପୁହାଣ, ସମ୍ପାଦକ ବ୍ରହ୍ମାନନ୍ଦ ବାରିକ ଓ ସତ୍ୟବ୍ରତ ନାୟକ ପ୍ରମୁଖ ଯୋଗଦେଇଥିଲେ।



ପଦ୍ମପୁର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବବାହିନୀ ସଦସ୍ୟ ଓ ଅନ୍ୟମାନେ।

# ରୋକାଯାଇ ପାରୁନି ବେଆଇନ ଗୋ ଚାଲାଣ

**ଭଦ୍ରକ ଅଫିସ,୩।୧୦**


ଦୟନୀୟ ଭାବେ ଗୋ ଚାଲାଣ କରାଯାଉଛି।

ଭଦ୍ରକ ଜିଲାରେ ବେଆଇନ ଗୋଚାଲାଣକୁ ନେଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକାଯାଇପାରୁ ନାହିଁ। ବେଆଇନ ଗୋଚାଲାଣ ରୋକିବାକୁ ଥିବା ଆଇନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଅନ୍ୟପକ୍ଷେ ପୋଲିସ ପ୍ରୋତ୍ସାହନରେ ବେଆଇନ ଗୋଚାଲାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ଏହି ଜିଲାରୁ ଗୋଚାଲାଣ କାରବାର ପଛରେ ଟିଟୋ ଲିଙ୍କ୍ ପଦାକୁ ଆସିବା ପରେ ଘଟଣା ଅଧିକ ସମ୍ବେଦନଶୀଳ ହୋଇପଡ଼ିଛି। ଛୋଟ ଛୋଟ ଗାଡ଼ିରେ ୧୫ରୁ ୨୦ଟି ଗୋରୁ ବୋଝେଇ କରି ଅମାନବିକ ଭାବେ ବାହାରକୁ ଚାଲାଣ କରାଯାଉଛି। ଫଳରେ ଚାଲାଣ ସମୟରେ ଗୋରୁ ମୃତ୍ୟୁମୁଖରେ ପଡୁଛନ୍ତି। ଗତବର୍ଷ ଅମରାବତୀ ଏକ୍ସପ୍ରେସ ଯୋଗେ ଗୋଚାଲାଣ ହେଉଥିବା ଜଣାପଡ଼ିବାରୁ ଭଦ୍ରକ ଷ୍ଟେଶନରେ ଉତ୍ତ୍ୟକ୍ତ ଲୋକେ ଲଙ୍କାକାଣ୍ଡ ଘଟାଇଥିଲେ। ନିକଟରେ ବନ୍ତ ରାସ୍ତା କାଶିପୁର ଛକ ନିକଟରେ ଗୋଚାଲାଣ ହେବାବେଳେ ଲୋକେ ଗୋରୁଙ୍କୁ ଗାଡ଼ିରୁ ଓହ୍ଲାଇ ନିଆଁ ଲଗାଇ ଦେଇଥିଲେ। ଭଦ୍ରକ ଗେଲପୁର ଛକ ନିକଟରେ ଗୋଟିଏ ପିକ୍‌ଅପକୁ ଭଙ୍ଗାରୁଜା କରି ଲୋକେ ଗୋରୁଙ୍କୁ ଉଦ୍ଧାର କରି ଛାଡ଼ି ଦେଇଥିଲେ। ସେହିଭଳି ଖୋର୍ଦ୍ଧାରୁ ଗୋଚାଲାଣ କରୁଥିବା ଏକ ୧୦ ଚକିଆ କଣ୍ଟେନର ବିଷ୍ଣୁପୁର ଛକ ନିକଟରେ ଖରାପ ହୋଇ ଅଟକି ଥିବାବେଳେ ଲୋକେ ସନ୍ଦେହ କରି ପଚରାଉଚରା କରିଥିଲେ। ଏହି କଣ୍ଟେନରକୁ ଏସକର୍ଟ କରୁଥିବା ଏକ ଗୁଣ୍ଡା ବାହିନୀ ସେଠାରେ ଲୋକଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ କଣ୍ଟେନର ଭଙ୍ଗାରୁଜା କରି ଶତାଧିକ ଗୋରୁଙ୍କୁ ଛାଡ଼ି ଦେଇଥିଲେ। ବାସୁଦେବପୁରର ଅଡାଛକ ତଥା ବାସୁଦେବପୁରରେ ଏଭଳି ଅନେକ ଘଟଣାକୁ ନେଇ ରାସ୍ତାରୋକୋ ଆନ୍ଦୋଳନ ହୋଇଥିବା ନଜିର ରହିଛି। ସେହିଭଳି ଭଦ୍ରକ ଗ୍ରାମାଞ୍ଚଳ ଥାନା, ପୁରୁଣାବଜାର ଥାନା ଅଞ୍ଚଳରେ ବେଆଇନ ଗୋଚାଲାଣ ବଢ଼ିଥିବା ଅଭିଯୋଗ ହୋଇଛି। ଗତ ଶନିବାର ବିଳମ୍ବିତ ରାତିରେ ପନ୍ଦରବାଟିଆ ଅଞ୍ଚଳରୁ ୮ଟି ପିକଅପ୍ ଯୋଗେ ଶତାଧିକ ଗୋରୁ ଚାଲାଣ ବେଳେ ଅସୁରାଳି ବଜାରରେ ଲୋକେ ୭ଟି ଗାଡ଼ି ଧରି ସେଥିରୁ ଗୋଟିଏ ଗାଡ଼ି ପୋଡ଼ି ଦେଇଥିଲେ। ରାତି ୨ଟାରୁ ପରଦିନ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା। ଏହି ଘଟଣାର ୨ ଦିନ ପୂର୍ବେ ଷଣ୍ଢ ଚାଲାଣ ହେଉଥିବା ଗାଡ଼ିକୁ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ଉଚ୍ଚ ପୋଲିସ ଅଧିକାରୀମାନେ ଆଉ ଗୋଚାଲାଣ ହେବ ନାହିଁ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ଗୋଚାଲାଣ କରୁଥିବା ପ୍ରକୃତ ଦଲାଲଙ୍କୁ ଧରିପାରୁ ନାହାନ୍ତି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡାଙ୍କୁ ପଚାରିବାରୁ କହିଛନ୍ତି, ବେଆଇନ ଗୋଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ସକାଶେ ଯୋଜନା ରହିଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ସ୍କ୍ୱାର୍ଡ ହୋଇପାରୁ ନାହିଁ। ଗୋଚାଲାଣ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏଥିରେ ପୋଲିସର ସମ୍ପୃକ୍ତି ପଦାକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ବାଲେଶ୍ୱର ଅଫିସ,୩।୧୦-** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରୂପାୟନ ପରିବାର ପକ୍ଷରୁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅଙ୍ଗାରଗଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ନିଶା ନିବାରଣ ଉପରେ ବହୁ ଆଲୋଚନା କରାଯାଇଥିଲା। ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ଓ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ସମ୍ପାଦିକା ତାଙ୍କର ମତ ରଖିଥିଲେ। ଉପସ୍ଥିତ ସଭ୍ୟାସଭ୍ୟ ଓ ମହିଳାମାନେ ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ଶପଥ ନେଇଥିଲେ।

### ସୂଚନା କେନ୍ଦ୍ର ଓ ପାଠାଗାର ଉଦ୍‌ଘାଟିତ

**ଜଳେଶ୍ୱର,୩।୧୦(ଡି.ଏନ୍.ଏ.)-** ବାଲେଶ୍ୱର ଜିଲା ଜଳେଶ୍ୱର ସୂଚନା କେନ୍ଦ୍ର ଓ ପାଠାଗାର ଦୀର୍ଘବର୍ଷ ଧରି ବନ୍ଦ ହୋଇ ପଡ଼ିଥିଲା। ଏହାର ପୁନରୁଦ୍ଧାର କରାଯିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଜଳେଶ୍ୱର କୋର୍ଟବଜାରଠାରେ ଉଦ୍‌ଘାଟିତ ସୂଚନାକେନ୍ଦ୍ର ଓ ପାଠାଗାର ସରକାରୀ ଛୁଟିଦିନ ବ୍ୟତୀତ ଦୈନିକ ସକାଳ ୭ ରୁ ୧୦ ଓ ଅପରାହ୍ନ ୪ ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଖୋଲାରହିବ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜନସାଧାରଣଙ୍କୁ ଏଠାରେ ଅବଗତ କରାଯିବ । ବିଭିନ୍ନ ଖବରକାଗଜ ସମେତ ଅନ୍ୟ ପୁସ୍ତକ ଜନସାଧାରଣଙ୍କୁ ପଢ଼ିବା ନିମନ୍ତେ ଯୋଗାଇ ଦିଆଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାସ ନିୟାଲ ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଡିଆରଡିଏ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନିଲୁ ମହାପାତ୍ର, ସ୍ଥାନୀୟ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା, ମ୍ୟୁନିସିପାଲିଟି ଇଓ ଗିରିଧାରୀ ବାରିକ,ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ ଘରୋଇ ହସ୍ପିଟାଲ ବିରୋଧରେ ଚିକିତ୍ସା ଅବହେଳା ଅଭିଯୋଗ

# ମାରିଦେଲେ, ମୃତଦେହ ଛାଡ଼ିଲେନି

■ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

■ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଗଲା

**କଟକ ଅଫିସ,୩।୧୦**

କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ କଇଥଗଡ଼ିଆର ମାୟାଧର ମଲ୍ଲିକଙ୍କ ଝିଅ ସୁନିତା (୨୧)। ଅସ୍ତ୍ରୋପଚାରର ଗୋଟିଏ ଦିନ ପରେ ଏହି ଘଟଣା ଘଟିଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସୁନିତାଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ଅର୍ଥ ଦାବି କରି ମୃତଦେହକୁ ଅଟକାଇ ରଖିଥିଲେ। ଏ ସମ୍ପର୍କରେ ବୁଧବାର ଚାଉଳିଆଗଞ୍ଜ ଥାନା ମହାନଦୀ ବିହାର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି।

ଅଭିଯୋଗ ଅନୁସାରେ, ସୁନିତା ପେଟ ରୋଗରେ ପୀଡିତ ହୋଇ ବାଲେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ପେଟରେ ଷ୍ଟୋନ ଜମିଥିବା ଡାକ୍ତର ଜାଣିବା ପରେ ଅସ୍ତ୍ରୋପଚାର ଆବଶ୍ୟକ ଥିବା କହି କଟକର ଏକ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ରବିବାର ସୁନିତାଙ୍କୁ ପରିବାର ଲୋକେ କଟକର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର ପରେ ୩ ଦିନ ଭିତରେ ସୁନିତା ଠିକ୍ ହୋଇଯିବେ ବୋଲି ଘରୋଇ ହସ୍ପିଟାଲର ଜଣେ ଡାକ୍ତର କହିଥିଲେ। ଏଥିପାଇଁ ୪୨ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ସୁନିତାଙ୍କ ପରିବାର ଲୋକେ ଏଥିପାଇଁ ପ୍ରଥମେ ୨୦ହଜାର ଟଙ୍କା ଡିପୋଜିଟ କରିଥିଲେ। ସୋମବାର ଅସ୍ତ୍ରୋପଚାର ସରିବା ପରେ ସୁନିତାଙ୍କୁ ବେଡ୍‌କୁ ଅଣାଯାଇଥିଲା। ବାପା ମାୟାଧରଙ୍କ କହିବାନୁଯାୟୀ, ମଙ୍ଗଳବାର ସୁନିତା ବେଡ୍‌ରେ ଶୋଇଥିବାବେଳେ ହଠାତ୍ ତାଙ୍କ ନାକ, ପାଟି ଏବଂ ମଳ ଦ୍ୱାରରୁ ରକ୍ତ ବାହାରିଥିଲା। ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଜଣାଇବା ପରେ ସୁନିତାଙ୍କୁ ତୁରନ୍ତ ଆଇସିୟୁକୁ ନିଆଯାଇଥିଲା। ହେଲେ କ'ଣ ପାଇଁ ଏପରି ଘଟିଲା ବୋଲି ଡାକ୍ତର ଓ ନର୍ସ କେହି ହେଲେ ମୁହଁ ଖୋଲି ନ ଥିଲେ। ମଙ୍ଗଳବାର ରାତି ୩ ଟାରେ ସୁନିତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ ମୃତ୍ୟୁର କାରଣ କହି ନ ଥିଲେ। ଏହାପରେ ହସ୍ପିଟାଲ ପକ୍ଷରୁ ତୁରନ୍ତ ବକେୟା ଟଙ୍କା ଜମା କରି ମୃତଦେହ ନେଇଯିବାକୁ କୁହାଯାଇଥିଲା। ହେଲେ ସୁନିତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଥିବାବେଳେ ଟଙ୍କା ଡିପୋଜିଟ୍ କରିବାକୁ ବାରମ୍ବାର ତାଗିଦ୍ କରାଯାଇଥିଲା। ଏପରିକି ଆଉ ୬୦ହଜାର ଟଙ୍କା ନ ଦେଲେ ମୃତଦେହକୁ ଛାଡିବେନି ବୋଲି ରୋକ୍‌ଠୋକ୍ କହିଥିଲେ। ଠିକ୍ ଚିକିତ୍ସା ନ କରି ମୋ ଝିଅକୁ ମାରିଦେଲେ ବୋଲି ମାୟାଧର କୋହଭରା କଣ୍ଠରେ କହିଛନ୍ତି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କିମ୍ବା ଔଷଧ ଯୋଗୁ ସୁନିତାଙ୍କ ଜୀବନ ଯାଇଥିବା ସେ ସନ୍ଦେହ କରୁଛନ୍ତି। ଏନେଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାସ କୁହନ୍ତି, ଆମେ ମୃତଦେହକୁ ହସ୍ପିଟାଲରୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛୁ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଯଦି ଚିକିତ୍ସାରେ କୌଣସି ଭୁଲ୍ ଥିବ ତେବେ ହସ୍ପିଟାଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଟ୍ରକ୍ ଧକ୍କାରେ ଜଣେ ମୃତ



ସ୍ଥାନୀୟଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

**୨ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

**ସଜନାଗଡ଼,୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ଅନ୍ତର୍ଗତ ପ୍ରତାପପୁର ତେନ୍ତୁଳିଆପଡ଼ା ଛକ ନିକଟରେ ବୁଧବାର ସକାଳେ ଏକ ଟ୍ରକ୍ ଧକ୍କାରେ ଗୋପାଳପୁର ଗ୍ରାମର ବାବୁଲା ଓରଫ୍ ଗୋପାଳ ପାତ୍ର (୪୯)ଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ସ୍ଥାନୀୟ ଅଞ୍ଚଳବାସୀ ଗ୍ରାମବାସୀଙ୍କ ସହ ପରିବାରଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ଅଯୋଧ୍ୟା ଫାଣ୍ଡି ଅଧିକାରୀ ଓ ନୀଳଗିରି ଥାନା ଅଧିକାରୀ ଦୀନବନ୍ଧୁ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ପରିବାର ଲୋକେ ୨ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଚୋରା ବାଲି ଖାଦାନ ବନ୍ଦ ଦାବିରେ ଅଡ଼ି ବସିଛନ୍ତି। ତେବେ ଟ୍ରକ୍‌ଟି ବାଲିପାଳ ବାଲିଖାଦାନକୁ ଯାଉଥିବା ସମୟରେ ନିକଟସ୍ଥ ଇଟାଭାଟିକୁ କାମ କରିବା ପାଇଁ ଯାଉଥିବା ଗୋପାଳଙ୍କୁ ପଛପଟୁ ଧକ୍କା ଦେଇଥିଲା।

ଶେଷରେ ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ସାହୁ, ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ରେଡ଼କ୍ରସ୍ ପକ୍ଷରୁ ୧୦ହଜାର ଟଙ୍କା ଓ ଗାଡ଼ି ମାଲିକଙ୍କ ତରଫରୁ ୬୦ହଜାର ଟଙ୍କା, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ ୨ହଜାର ଟଙ୍କା, ସମାଜସେବୀ ସନ୍ତୋଷ ଖଟୁଆ ୨ହଜାର ଟଙ୍କା ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଯାଇଥିଲା।

■ ଯୁବ ସ୍ୱାଭିମାନ ମଞ୍ଚର ବାର୍ଷିକ ଉତ୍ସବ

# ପଲିଥିନ ଛାଡି ବ୍ୟାଗ୍ ଧର, ଗଛ ଲଗାଅ

**ଖଇରା,୩।୧୦(ଡି.ଏନ.ଏ)**

ବର୍ତ୍ତମାନ ପୃଥିବୀ ଧ୍ୱଂସ ଆଡକୁ ଗତି କରୁଛି। ଜଙ୍ଗଲ ନଷ୍ଟ ଯୋଗୁଁ ଭୂପୃଷ୍ଠରେ ଉତ୍ତାପ ବଢୁଛି। ଯାହା ଫଳରେ ମେରୁ ଅଞ୍ଚଳରେ ବରଫ ତରଳିବା ଆରମ୍ଭ କଲାଣି। ପଲିଥିନର ବହୁଳ ବ୍ୟବହାର ଉଭୟ ଜଳଭାଗ ଓ ସ୍ଥଳଭାଗରେ ବସବାସ କରୁଥିବା ଜୀବ ମାନଙ୍କ ଭବିଷ୍ୟତ ଏକ ଅଜଣା ଅନ୍ଧକାର ଆଡକୁ ମାଡି ଚାଲିଛି। ଏଥିରୁ ମୁକୁଳିବାକୁ ହେଲେ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ପଡିବ। ହାତରେ ପଲିଥିନ ଛାଡି ବ୍ୟାଗ ଓ ପର୍ଯ୍ୟାପ୍ତ ପରିମାଣର ବୃକ୍ଷ ଲଗାଇବାକୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସମାବେଶରେ ଯୋଗ ଦେଇଥିବା ବକ୍ତାଗଣ ପରାମର୍ଶ ଦେଇଛନ୍ତି।




ଅତିଥିଙ୍କ ଉପସ୍ଥିତିରେ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଉଛି।

ଖଇରା ବ୍ଲକର ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସଭାରେ କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ଶଙ୍ଖୁଆ ବିବରଣୀ ପାଠ କରିଥିଲେ । ଚାନ୍ଦଗୋଛି ମଠର ମହନ୍ତ ଅଗଣିବାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡଃ ଅଭୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ଡାକବିଭାଗର ପୂର୍ବତନ ଅଧିକାରୀ କମଳାକାନ୍ତ ଓଝା, ଉପଦେଷ୍ଟା ଅଭିମନ୍ୟୁ ରାଉଳ, ଅବସରପ୍ରାପ୍ତ ଅଧ୍ୟାପକ ମଦନମୋହନ ମହଲା, ପରିବେଶବିତ ପଦ୍ମଲୋଚନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ଡା ଦୁର୍ଗାମାଧବ ଓଝାଙ୍କୁ ଉତ୍କୃଷ୍ଟ ସେବାକୃତି, ଚକ୍ରଧରପୁର ଆଦର୍ଶ ଗ୍ରାମ, ରୁକ୍ମିଣୀ ମହାନ୍ତିଙ୍କୁ ଆଦର୍ଶ ପରିବାର ଭାବେ ମାନପତ୍ର ପ୍ରଦାନ କରାଯାଇଥିଲା। ଔପଦାର ମା ବ୍ରାହ୍ମଣୀ ନୃତ୍ୟ ପରିଷଦ, ରୁଦ୍ରୁଗାଁର ଜୟ ଗଣେଷ ନୃତ୍ୟ ପରିଷଦ, ନନ୍ଦୋର ଗ୍ରାମର ଚଣ୍ଡିମାତା ନୃତ୍ୟ ପରିଷଦ, ଗଣ୍ଡିବେଡର ସାଇନୃତ୍ୟ ସଙ୍ଗୀତ ବିଦ୍ୟାଳୟ, ମାର୍କୋଣାର ସିମୁଳିଆ ସାଂସ୍କୃତିକ କଳା ପରିଷଦ ନୃତ୍ୟ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସେମାନଙ୍କୁ ସମ୍ବର୍ଦ୍ଧନା ମଧ୍ୟ ପ୍ରଦାନ କରାଯାଇଥିଲା। ସଂଯୋଜକ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ସଫେଇ ସାଙ୍ଗକୁ ରୋଗୀଙ୍କୁ ଫଳ ବଣ୍ଟନ

**ବସ୍ତା,୩।୧୦(ସ୍ୱ.ପ୍ର)**

ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ବସ୍ତା ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ଯୁବନେତା ରବୀନ୍ଦ୍ର କୁମାର ଜୈନଙ୍କ ନେତୃତ୍ୱରେ ଗାନ୍ଧୀ ଛକ ନିକଟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଭିନ୍ନ ଅଞ୍ଚଳରେ ସଫେଇ କାର୍ଯ୍ୟ ଅନୁଷ୍ଠିତ କରାଯାଇଥିଲା। ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ବ୍ଲକ ପ୍ରଭାରୀ ସୂର୍ଯ୍ୟନାରାୟଣ ସାହୁ, ରଞ୍ଜନ ମହାନ୍ତି, ଧୀରେନ୍ଦ୍ର ସେଠୀ, ଉତ୍ତମ ଜେନା, ପ୍ରକାଶ କୁଣ୍ଡୁ, ତୁଷାରକାନ୍ତ ବେହେରା ପ୍ରମୁଖ ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ। ଶେଷରେ ଭାଜପା ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

---

## ମୟୂରଭଞ୍ଜ

### ଠାକୁରମୁଣ୍ଡାରେ ଆୟୁଷ୍ମାନ ରଥ

**ଠାକୁରମୁଣ୍ଡା,୩।୧୦(ଡି.ଏନ.ଏ):** କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୁଷ୍ମାନ ରଥ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ପରିକ୍ରମା କରୁଛି। ଏହି ଅବସରରେ ଲୋକଙ୍କ ଠାରୁ ଦସ୍ତଖତ ଅଭିଯାନ କରାଯାଉଅଛି । ବୁଧବାର ଠାରୁ ଦୁଇ ଦିନ ଧରି ଏହି ରଥ ଠାକୁରମୁଣ୍ଡାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନତା କରିବ ବୋଲି ଜଣାପଡିଛି।

### ଗ୍ରାମାଞ୍ଚଳରେ ଜନତା ଦରବାର

**ଠାକୁରମୁଣ୍ଡା,୩।୧୦(ଡି.ଏନ.ଏ):** ଠାକୁରମୁଣ୍ଡା ଶିକ୍ଷକ,ଅଧାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବୁଧବାର ମଞ୍ଚର ମୁଖ୍ୟ ଆବାହକ ଅଧାପକ ମନୋରଞ୍ଜନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଜନତା ଦରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ହାଣ୍ଡିଫୁଟା ଓ ଜରକ ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ ଆଦି ଦାବୀ କରାଯାଇଥିଲା। ଏଥିରେ ଅଧାପକ ବିଜୟ ପଣ୍ଡା ଗୋବର୍ଦ୍ଧନ ମହାନ୍ତ,ଦେବେନ୍ଦ୍ର ପଣ୍ଡା,ମାନସ ରଞ୍ଜନ ମିଶ୍ର,ଶିକ୍ଷକ ପ୍ରତିନିଧି ସତ୍ୟନାରାୟଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

### ରାଶନ କାର୍ଡ ବଣ୍ଟନ

**ରାଇରଙ୍ଗପୁର, ୩।୧୦ (ଡି.ଏନ୍.ଏ.):** ରାଇରଙ୍ଗପୁର ସବ୍‌ଡିଭିଜନର ରାଇରଙ୍ଗପୁର ପୌରପରିଷଦ ଏବଂ ୭ଟି ବ୍ଲକ୍‌ରେ ବୁଧବାର ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ୯ଟି ପଞ୍ଚାୟତର ମୋଟ୍ ୭୪୫ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଇଥିଲା। ଏହାବ୍ୟତୀତ ୧୫ଟି ବସ୍ତି ଅଞ୍ଚଳର ୪୧୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ବିଡିଓ ରୀତା ଡାଙ୍ଗ, ସହକାରୀ ଖାଉଟି ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା, ମାର୍କେଟିଂ ଇନ୍ସପେକ୍ଟର ପ୍ରମୁଖ ଯୋଗ ଦେଇଥିଲେ।

# ଗଛ ଡାଳ ପଡ଼ି ରାସ୍ତା ବନ୍ଦ, ଉତ୍ତେଜନା

**ବାରିପଦା ଅଫିସ,୩।୧୦**

ବାରିପଦା ସହରର ଜନଗହଳିପୂର୍ଣ୍ଣ ଟ୍ରାଫିକ ଛକଠାରୁ କଲେଜ ଛକକୁ ସଂଯୋଗ କରୁଥିବା ରାସ୍ତାରେ ଦୀର୍ଘ ଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ଥିବା ଏକ ଗଛ ବୁଧବାର ଭାଙ୍ଗି ରାସ୍ତାରେ ପଡିଥିଲା। ଏଥିଯୋଗୁ ଏକ ଚା ଦୋକାନ ଭାଙ୍ଗି ଯାଇଥିବା ବେଳେ ଜଣେ ରିକ୍ସା ଚାଳକ ଆହତ ହୋଇଛନ୍ତି। ଦୀର୍ଘ ସମୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାରୁ ଉକ୍ତ ଗଛକୁ ତୁରନ୍ତ ମୂଳରୁ କାଟିବାକୁ ସ୍ଥାନୀୟ ଲୋକେ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସେମାନଙ୍କୁ ବୁଝାଇବାକୁ ଯାଇଥିବା ଉପଜିଲାପାଳ ଓ କାଉନସିଲର ମଧ୍ୟ ସେମାନଙ୍କ ଆକ୍ରୋଶରୁ ବାଦ ପଡି ନ ଥିଲେ। ପରିଶେଷରେ ଆସନ୍ତା ୩ ଦିନ ମଧ୍ୟରେ ଗଛକୁ ସମ୍ପୂର୍ଣ୍ଣ ଭାବେ କାଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଟ୍ରାଫିକ ଛକ-କଲେଜ ରୋଡରେ ଗଛ ପଡିଛି।

■ଆକ୍ରୋଶର ଶିକାର ହେଲେ ଜନ ପ୍ରତିନିଧି

■୩ ଦିନରେ ଗଛ ଉପାଡିବାକୁ ପ୍ରତିଶ୍ରୁତି

ଦୀର୍ଘ ଦିନ ହେବ ଉକ୍ତ ଗଛକୁ କାଟିବା ପାଇଁ ସ୍ଥାନୀୟ ଲୋକଙ୍କ ଦାବିକୁ ପୌର ପରିଷଦ ଓ ବନ ବିଭାଗ ଅଣଦେଖା କରି ଆସୁଥିଲେ। ପରିଶେଷରେ ବୁଧବାର ଗଛ ଭାଙ୍ଗି ପଡିବାରୁ ଉତ୍ତ୍ୟକ୍ତ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସେମାନଙ୍କୁ ବୁଝାଇବାକୁ ଯାଇଥିବା ବାରିପଦା ପୌରପରିଷଦ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଏବଂ କାଉନସିଲର ନିରୋଜ ସାହୁ ସେମାନଙ୍କର ଆକ୍ରୋଶର ଶିକାର ହୋଇଛନ୍ତି। ଘଟଣାସ୍ଥଳରେ ବାରିପଦା ଏସଡିପିଓ ଅଭିମନ୍ୟୁ ନାୟକ ଓ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ସଦଳବଳେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଏହି ଗଛକୁ ମୂଳରୁ କାଟିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ପ୍ରତ୍ୟାହର କରିଥିଲେ। ପରେ ଗଛକୁ ଅଗ୍ନିଶମ କର୍ମଚାରୀ ସଫା କରିଥିଲେ।



କାପର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସାଧାରଣ ଲୋକେ

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

**ଖୁଣ୍ଟା,୩।୧୦(ଡି.ଏନ.ଏ.)**

ଖୁଣ୍ଟା କନିଷ୍ଠ ମହାବିଦ୍ୟାଳୟ ପରିସରରେ ବୁଧବାର ଖୁଣ୍ଟା ବ୍ଲକ ପକ୍ଷରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭିଡିଓ କନଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଖୁଣ୍ଟା ବ୍ଲକ ର ୧୪ ଗୋଟି ଗ୍ରାମପଞ୍ଚାୟତ ଅଧୀନ ୧୧୭ ରାଜସ୍ୱ ଗ୍ରାମରେ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ମୋଟ ୧୨୫ଗୋଟ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି , ବ୍ଲକ ଅଧକ୍ଷା ପୁଷ୍ପଲତା ମାର୍ଣ୍ଡି, ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## 'ପ୍ରକୃତିର ସୁରକ୍ଷା' ପାଇଁ ଚିତ୍ରାଙ୍କନ



ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ବାରିପଦା ଅଫିସ,୩।୧୦**

ବାରିପଦା ରଘୁନାଥପୁରସ୍ଥିତ ଜୀବନ ଜ୍ୟୋତି ଗୃହରେ ରହୁଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପେଣ୍ଟାଗ୍ରାମ ସର୍ଭିସେସ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ପ୍ରକୃତିର ସୁରକ୍ଷା ' ଶୀର୍ଷକରେ ୨୦ ଭିନ୍ନକ୍ଷମ ପ୍ରତିଯୋଗୀଙ୍କ ମଧ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ପେଣ୍ଟାଗ୍ରାମ ସର୍ଭିସେସ ନିର୍ଦ୍ଦେଶିକା ଦୁର୍ଗା ବେହେରାଙ୍କ ତତ୍ତ୍ୱାବଧାନରେ ଜୀବନ ଜ୍ୟୋତି ଗୃହର ତତ୍ତ୍ୱାବଧାରିକା ସିଷ୍ଟର ସଲୋମିଙ୍କ ସଭାପତିତ୍ୱରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଉପବାଚସ୍ପତିଙ୍କ ଗାଡ଼ି ଧକ୍କା ପ୍ରସଙ୍ଗ ବାର୍ ଆସୋସିଏଶନର ଜରୁରୀ ବୈଠକ

**ରାଇରଙ୍ଗପୁର, ୩।୧୦ (ଡି.ଏନ୍.ଏ.)**

ଗତ ସେପ୍ଟେମ୍ବର ୨୯ ତାରିଖରେ ବାରିପଦା ବିଧାୟକ ସାନନ୍ଦ ମାରାଣ୍ଡିଙ୍କ ରାଇରଙ୍ଗପୁର ଗସ୍ତ ବେଳେ ହୋଇଥିବା ଗଣ୍ଡଗୋଳ କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ରାଇରଙ୍ଗପୁର ସହରାଞ୍ଚଳ ଦୁର୍ଗାମଣ୍ଡପ ଛକ ରାସ୍ତାରେ ଉପବାଚସ୍ପତିଙ୍କ ଗାଡି ୨ ଆଡ୍‌ଭୋକେଟଙ୍କ ଗାଡି ସହ ଧକ୍କା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ହୋଇଥିବା ଗଣ୍ଡଗୋଳରେ ସେମାନେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ବୁଧବାର ରାଇରଙ୍ଗପୁର ବାର୍ ଆସୋସିଏଶନ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ବରିଷ୍ଠ ସଦସ୍ୟ ଗୋପିନାଥ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓକିଲଙ୍କୁ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଏନେଇ ଦୁଇ ଓକିଲଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ ୮୬/୧୮) ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାର ତଦନ୍ତ ସକାଶେ ବାର୍ ଆସୋସିଏଶନର ଏକ ୪ ଜଣିଆ କମିଟି ଗଠିତ ହୋଇଛି।

## ତୀରନ୍ଦାଜ ପ୍ରତିଯୋଗିତା: ମୟୂରଭଞ୍ଜରୁ ୨୩ ଖେଳାଳି

**ବାରିପଦା ଅଫିସ ,୩।୧୦**

ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ବର୍ଗର ତୀରନ୍ଦାଜ ପ୍ରତିଯୋଗିତା ଅକ୍ଟୋବର ୪ରୁ ବଲାଙ୍ଗୀର ଜିଲା ପାଟଣାଗଡସ୍ଥିତ ରମାଇ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ମାର୍ଗଦର୍ଶନରେ ଓ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ଫାଗୁ ଟୁଡୁ ଓ ବାଳିକା ଟିମ ମ୍ୟାନେଜର ଭାବେ ପ୍ରତିମା ତୁଙ୍ଗଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲାରୁ ୨୩ ଖେଳାଳି ବଲାଙ୍ଗୀର ଯାତ୍ରା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ,ରରୁଆଁ ଉଚ୍ଚ ବିଦ୍ୟାଳୟର ପିଇଟି ସୁଧାରନ ମହାକୁଡ଼,ବିଞ୍ଝିଆ ଉଚ୍ଚ ବିଦ୍ୟାଳୟର ପିଇଟି ହୃଷୀକେଶ ମହାନ୍ତ,ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ପିଇଟି ଦୟାନିଧି ମୁହାକୁଡ଼ ପ୍ରମୁଖ ମୟୂରଭଞ୍ଜ ଜିଲାରୁ ରାଜ୍ୟ ଅଫିସିଆଲ ଭାବେ ଯୋଗ ଦେବେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଓ ଅନ୍ୟମାନେ।

## ସଂକ୍ଷେପରେ

### କେନ୍ଦେଇପଶିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ପାଟଣା, ୩।୧୦(ସ୍ୱ.ପ୍ର.): ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତର ବିଭିନ୍ନ ଆବର୍ଜନା ପୂର୍ଣ୍ଣ ସର୍ବସାଧାରଣସ୍ଥଳୀକୁ ସଫେଇ କରାଯାଇଛି। ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗାନ୍ଧୀ ଜୟନ୍ତୀର ଦିନକ ପୂର୍ବରୁ ସୋମବାର ମହିଳାମାନେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାମ କରିଥିଲେ। ଭାଜପା ନେତ୍ରୀ ଦାସମତି ଚାତାର ଓ ଗୀତାଞ୍ଜଳିଙ୍କ ନେତୃତ୍ୱରେ ମହିଳାମାନେ ହନୁମାନ ଛକ, ହାଟ ଓ ପ୍ରାଥମିକ ବିଦ୍ୟାଳୟର ପରିସର ସଫା କରିଥିଲେ।

### ପର୍ଯ୍ୟଟନସ୍ଥଳୀର ବିକାଶ ଚିନ୍ତା

ଚମ୍ପୁଆ, ୩।୧୦(ଡି.ଏନ.ଏ.): ଚମ୍ପୁଆସ୍ଥିତ କେଶ୍ୱରୀ କୁଣ୍ଡକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଥିଲେ ହେଁ ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁ ନ ଥିବା ଅଭିଯୋଗ ହେଉଛି। କାଁ ଭାଁ କେତେକ ପର୍ଯ୍ୟଟକ ବୈତରଣୀର ପର୍ଯ୍ୟଟନସ୍ଥଳକୁ ଆସୁଛନ୍ତି। ସେଠାରେ ସ୍ଥାନୀୟ ଲୋକଙ୍କ ପାଇଁ ମକର ମେଳା ପ୍ରମୁଖତା ପ୍ରଦାନ କରୁଛି। ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ସରେଇ ଗ୍ରାମଠାରେ ଏକ ଗ୍ରାମସଭା ସ୍ଥାନୀୟ ସରପଞ୍ଚ କବିତା ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡବ୍ଲ୍ୟୁଇଓ ଅଧିକାରୀ ରବୀନ୍ଦ୍ର ସାମନ୍ତ ରାୟ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ, ବନରକ୍ଷୀ ଶ୍ରାବଣୀ ମହାନ୍ତ, ଯନ୍ତ୍ରୀ ରାଜେଶ ଗଡତୀୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୀନା ପ୍ରଧାନ ଓ ଆରଆଇ ଉମାକାନ୍ତ ପାତ୍ର ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ପର୍ଯ୍ୟଟନ ସ୍ଥଳଟି ଜଙ୍ଗଲ ଜମିରେ ରହିଛି। ଏହାକୁ ଲୋକଙ୍କ ବ୍ୟବହାର ପାଇଁ ତଥା ପର୍ଯ୍ୟଟନ ସ୍ଥଳର ବିକାଶ ନିମିତ ବ୍ୟବହାର ପାଇଁ ପରିବର୍ତ୍ତନ କରିବାକୁ ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇଛି। ଉପସ୍ଥିତ ଗ୍ରାମବାସୀ ସମର୍ଥନ କରିଥିଲେ। ଗ୍ରାମସଭାର ନିଷ୍ପତ୍ତି ସ୍ଥାନୀୟ ତହସିଲଦାର ଓ ବନାଞ୍ଚଳ ଅଧିକାରୀଙ୍କ ନିକଟକୁ ପଠାଇବା ପରେ ଜିଲା ପ୍ରଶାସନ ମାଧମରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଜଣାଯାଇଛି। ପର୍ଯ୍ୟଟନ ସ୍ଥଳରେ ଏକ ବଙ୍ଗଳା ଓ ପାର୍କ ନିର୍ମାଣ କରାଯିବ ବୋଲି ଜଣାଯାଇଛି।

### ଢେଙ୍କିକୋଟ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଢେଙ୍କିକୋଟ, ୩।୧୦(ଡି.ଏନ.ଏ.): ଘଟଗାଁ ବ୍ଲକ ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ଗାନ୍ଧୀଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପଞ୍ଚାୟତ ସରପଞ୍ଚ ଗୌରୀବାରିକ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଘଟଗାଁ ବ୍ଲକ ଅତିରିକ୍ତ ବିଡ଼ିଓ ବିଚିତ୍ର କର ଯୋଗ ଦେଇଥିଲେ। ପଞ୍ଚାୟତର ୧୧ଟି ୱାର୍ଡ଼ର ଗ୍ରାମବାସୀ ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ଚିତ୍ରସେନ ମହାନ୍ତ ସଭା ପରିଚାଳନା କରିଥିଲେ। ପଲ୍ଲୀସଭା ଓ ଗ୍ରାମସଭା ନେଇ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତର ଯୋଗାଣ ସହାୟକ ସୁଦାମ ଚରଣ ବେହେରା ଓ ଜିଆର୍‌ଏସ୍ ପ୍ରକାଶ ଚନ୍ଦ୍ର ବେହେରା ସହଯୋଗ କରିଥିଲେ। ଶେଷରେ ନାଏବ ସରପଞ୍ଚ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖଣ୍ଡଘର ପଞ୍ଚାୟତ ସରପଞ୍ଚ ଈଶ୍ୱର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପଞ୍ଚାୟତ ସଭାଗୃହରେ ସ୍ୱତନ୍ତ୍ର ଗ୍ରାମସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏବିଡିଓ ବିଚିତ୍ର କର ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କୁ ଗ୍ରାମ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ।

### ରାସ୍ତା ମରାମତି କଲେ ଗ୍ରାମବାସୀ

ରାଇସୁଆଁ, ୩।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ବିସ୍ତାପାଳ ନଦୀଠାରୁ ଜାମୁଡିହୀ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଗ୍ରାମବାସୀ ବହୁବାର ପ୍ରଶାସନକୁ ଅବଗତ କରି ନିରାଶ ହୋଇ ନିଜେ ରାସ୍ତା ମରାମତି କରିଛନ୍ତି। କେନ୍ଦୁଝର ଗ୍ରାମ ସୁରକ୍ଷା ମଞ୍ଚ ସଦସ୍ୟ ଏବଂ ଗ୍ରାମବାସୀ ରାସ୍ତାର ମରାମତି କାର୍ଯ୍ୟ କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ରାସ୍ତା ନିର୍ମାଣ ନ ହେବା ଯାଏ ଭାରୀଯାନ ଚଳାଚଳ ବନ୍ଦ ରଖିବାକୁ ସେମାନେ ଦାବି କରିଛନ୍ତି। ରାସ୍ତା ନିର୍ମାଣ କରିବାକୁ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦିଆଯାଇଥିବା ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ପଳାଶଙ୍ଗା ଲ୍ୟାମ୍ପସ ସଭାପତି ପ୍ରେମାନନ୍ଦ ସିଂ, ଦିଲୀପ ବେହେରା, ରାଜା ସିଂଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।

# ପରମ୍ପରାର ଝଲକ ‘ଦାସାଇଁ ନାଚ’

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

■ ଦଶହରାକୁ ଆବାହନ କଲେ ଆଦିବାସୀ
■ ଚଳଚଞ୍ଚଳ ହୋଇପଡ଼ିଛି ଗ୍ରାମ୍ୟ ପରିବେଶ


ଆଦିବାସୀମାନେ ‘ଦାସାଇଁ ନାଚ’ କରୁଛନ୍ତି।

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ଦଶହରାକୁ ଆଦିବାସୀମାନେ ନାଚ, ଗୀତ ମାଧ୍ୟରେ ଆବାହନ କରିଛନ୍ତି। ଦଶହରା ପାଇଁ ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଦଶହରାକୁ ଧୂମଧାମରେ ପାଳନ କରିବାକୁ ଲାଗି ପଡ଼ିଛନ୍ତି। ଆଦିବାସୀ ଅଞ୍ଚଳରେ ଦଶହରା ସେଭଳି ଯାକଜକମ ହୋଇ ନ ଥିଲେ ହେଁ ମୁଣ୍ଡା ସମ୍ପ୍ରଦାୟରେ ‘ଦାସାଇଁ ନାଚ’ ଏକ ଭିନ୍ନ ପରିବେଶ ସୃଷ୍ଟି କରୁଛି। ଏଥିରେ ପରମ୍ପରାର ଝଲକ ଦେଖିବାକୁ ମିଳୁଛି। ଦଶହରାର ୧ ମାସ ପୂର୍ବରୁ ଆରମ୍ଭ ହୋଇଥାଏ ଉକ୍ତ ନାଚ। ଗ୍ରାମାଞ୍ଚଳରେ ଲୋକେ ନାଚ ଦେଖିଲେ ଦଶହରା ପହଞ୍ଚିଲା ବୋଲି ଆବସ ପାଇଥାନ୍ତି। ଦଶହରା ପୂର୍ବରୁ ସେହି ସମ୍ପ୍ରଦାୟର ଲୋକେ ଦଳ ଦଳ ହୋଇ ଗାଁ ବୁଲି ନାଚ କରିଥାନ୍ତି। ବିଭିନ୍ନ ପ୍ରକାରର ବେଶଭୂଷାରେ ସଜ୍ଜିତ ହୋଇ ନାଚିଥାନ୍ତି। ‘ସେ ବେରେ ସେ ବେରେ ସେ, ଭୁଂ ସେ ସେ ଭୁଂ’ ଗୀତ ଗାଇ ନାଚ କରିଥାନ୍ତି। ପୁରୁଷମାନେ ନାରୀ, କିନ୍ନର, ପଶୁପକ୍ଷୀ ଆଦି ବେଶରେ ସଜ୍ଜିତ ହୋଇଥାନ୍ତି। ବିଭିନ୍ନ ପ୍ରକାରର ଶବ୍ଦ କରି, ବାଦ୍ୟ ବଜାଇ ନାଚଗୀତ କରିଥାନ୍ତି। ଆଗରୁ ଦଳ ଦଳ ହୋଇ ନାଚଗୀତ କରୁଥିବା ବେଳେ ଗ୍ରାମର ପରିବେଶ ଚଳଚଞ୍ଚଳ ହୋଇ ଉଠୁଛି। ଅନେକ ସହରାଞ୍ଚଳରେ ମଧ ନାଚଗୀତ ପରିବେଷଣ କରାଯାଇଥାଏ। ଏଥିପାଇଁ ଏକ ପ୍ରକାରର ସ୍ୱତନ୍ତ୍ର ବାଦ୍ୟ ବ୍ୟବହାର ହୋଇଥାଏ। ଯାହାକୁ ଭୁଆଁ ବାଦ୍ୟ କୁହାଯାଏ। ବାଉଁଶ, ଚମଡା, କଳସରେ ପ୍ରସ୍ତୁତ ବାଦ୍ୟରୁ ଭିନ୍ନ ପ୍ରକାରର ଶବ୍ଦ ବାହାରିଥାଏ। ଏହାଛଡା ପିତଳ ଥାଳି, ଗରା ସାଙ୍ଗକୁ ଆଲୁମିନିଅମ ଗରା ଆଦିକୁ ବାଦ୍ୟ ଭାବରେ ବ୍ୟବହାର କରିଥାନ୍ତି। ସେହିପରି ଅଙ୍କାବଙ୍କା ବାଉଁଶକୁ ଧରି ନାଚିଥାନ୍ତି।

ସେମାନଙ୍କ ମଧ୍ୟରୁ ଜଣେ ଯୋଗୀ ବା ବନ୍ୟଜନ୍ତୁର ମୁଖା ପିନ୍ଧି ବିଭିନ୍ନ ଭାବ ଭଙ୍ଗୀରେ ନାଚ କରି ଲୋକଙ୍କୁ ମନୋରଞ୍ଜନ କରନ୍ତି। ଗାଁର ଘର ଘର ବୁଲି ଥାନ୍ତି। ଲୋକମାନେ ଦେଉଥିବା ଚାଉଳ, ଶସ୍ୟ, ଟଙ୍କାପଇସା ବା ଅନ୍ୟ ସାମଗ୍ରୀକୁ ଗ୍ରହଣ କରିଥାନ୍ତି। ଏହି ସଂଗୃହୀତ ଅର୍ଥରେ ଓ ସାମଗ୍ରୀରେ ସେମାନେ ଦଶହରା ଦିନ ପୂଜା କରିଥାନ୍ତି। କୁହାଯାଏ ଯେଉଁ ମାନେ ତନ୍ତ୍ର ଓ ମନ୍ତ୍ର ଉପରେ ବିଶ୍ୱାସ ରଖନ୍ତି, ସାଧନା କରନ୍ତି ସେମାନେ ଉକ୍ତ ନାଚ କରିଥାନ୍ତି। ଦଶହରାରେ ତନ୍ତ୍ରଦେବୀଙ୍କୁ ପୂଜାକରି ତନ୍ତ୍ର ଶିକ୍ଷା କରିଥାନ୍ତି। ସେମାନଙ୍କ ମଧ୍ୟରେ ଏକତା ଓ ଭାଇଚାରାର ପରିବେଶ ସୃଷ୍ଟି କରିଥାଏ। ସହର ସଭ୍ୟତାର ପ୍ରବେଶ ଓ ଆଧୁନିକତାର ଚାକଚକ୍ୟ ମଧ୍ୟରେ ବହୁ ପୁରାତନ ପରମ୍ପରା ଲୋପ ପାଇବାକୁ ବସିଛି। ଏହା ଏକ ପରମ୍ପରାର ଝଲକ ହୋଇ ରହିଛି। ଏପରି କେତେକ ଗ୍ରାମରେ ଦେଖିବାକୁ ମିଳୁଛି ବୋଲି ଅବସରପ୍ରାପ୍ତ କ୍ଷେତ୍ର ପ୍ରଚାର ଅଧିକାରୀ ଅଲେଖ ପାତ୍ର କହିଛନ୍ତି। ଦଶହରା ଦିନ ଭୋଜିଭାତ ହୋଇଥାଏ। ସେମାନେ ଗ୍ରାମବାସୀଙ୍କ ଆମନ୍ତ୍ରଣ କରି ସାମିଲ କରିଥାନ୍ତି।

# ଜାତୀୟସ୍ତରୀୟ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

ସ୍ଥାନୀୟ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ପରିସରରେ ଅବସ୍ଥାପିତ ଓଡ଼ିଆ ବିଭାଗରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ସ୍ଥିତି ଓ ସମ୍ଭାବନା ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଅନାଦି ଚରଣ ଗାଁଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶାନ୍ତି ନିକେତନର ପ୍ରଫେସର ସବିତା ପ୍ରଧାନ ଯୋଗଦେଇ ଓଡ଼ିଆ ପତ୍ରିକା ସାହିତ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ସୁଶାନ୍ତ କୁମାର ବସା ଓ ସମ୍ମାନିତ ଅତିଥି ଭାବେ ସୁଧାକର ଦାଶ ଯୋଗଦେଇ ଓଡ଼ିଆ ପତ୍ରିକା ସାହିତ୍ୟର କ୍ରମ ଇତିହାସ କହିଥିଲେ। ଓଡ଼ିଆ ବିଭାଗ ଦ୍ୱାରା ପ୍ରକାଶିତ ଗବେଷଣାତ୍ମକ ପତ୍ରିକା ‘ଉତ୍ତର ଗବାକ୍ଷ’ର ଉନ୍ମୋଚନ ମୁଖ୍ୟ ଅତିଥିଙ୍କ ଦ୍ୱାରା ହୋଇଥିଲା। ଆଲୋଚନାଚକ୍ରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସମେତ ଅଧାପିକାଅଧାପକ ଯୋଗଦେଇ ଥିଲେ। ଡକ୍ଟର ବବ୍ରୁବାହନ ମହାପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ହୀରାଲାଲ ଦାଶ, ଡ. ଶିଶିର ବେହେରା, ଡ. ମୁକ୍ତିକାନ୍ତ ମହାପାତ୍ର, ଅଧାପକ ଜିତେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଛାତ୍ର ସୁରଜ ରଣସିଂ, ଦୀପ୍ତିମୟୀ ମିଶ୍ର ନିବନ୍ଧ ଉପସ୍ଥାପନ କରିଥିଲେ। ଏଭଳି ଜାତୀୟସ୍ତରର ଆଲୋଚନାଚକ୍ର ଆଗାମୀ ଦିନରେ ମଧ ଆୟୋଜନ କରାଯିବ ବୋଲି ପ୍ରଫେସର ଅନାଦି କହିଛନ୍ତି।

■ ସାହାରପଡ଼ାରେ ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ

# ‘୪.୮୦ କୋଟି ମଞ୍ଜୁର’

ପାଟଣା, ୩।୧୦(ସ୍ୱ.ପ୍ର.)

ପାଟଣା ଥାନା ସାହାରପଡ଼ା ହାଇସ୍କୁଲ ପଡ଼ିଆରେ ବୁଧବାର ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ ହୋଇଥିଲା। ସଚିବାଳୟରୁ ଭିଡିଓ କନଫେରେନ୍ସ ଜରିଆରେ ସିଧାପ୍ରସାରଣ ହୋଇଥିଲା। ସ୍ୱୟଂସହାୟକ ଗୋଷ୍ଠୀର ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୧୫୦ଟି ପ୍ରକଳ୍ପ ନିମନ୍ତେ ମୋଟ ୪ କୋଟି ୮୦ ଲକ୍ଷ ଟଙ୍କା ବେୟ ବରାଦ କରାଯାଇଛି। ତେଣ୍ଡେରା ସରପଞ୍ଚ ରାଜବଲ୍ଲଭ ଦେହୁରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକଙ୍କ ଟଙ୍କା ଲୋକଙ୍କ ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଉପସ୍ଥିତ ଲୋକଙ୍କୁ କହିଥିଲେ।

ଏଥିରେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ହୃଷୀକେଶ ନାଏକ, ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ନୃସିଂହଚରଣ ସ୍ୱାଇଁ, ବିଡିଓ ଭାଗୀରଥି ମଲ୍ଲିକ, ତହସିଲଦାର ଲମ୍ବୋଦର ଖୁଣ୍ଟିଆ, ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, ଜିଲା ଯୁବ ବିଜେଡି ସଭାପତି ସୌମ୍ୟ ଶଙ୍କର ଚକ୍ର, ରାଜ୍ୟ ପରିଷଦ ସଭ୍ୟ ଦୀପକ ରାଜ, ଯୁବ ନେତା ଇଂ ବିନୋଦ ବିହାରୀ ନାଏକ, ବ୍ଲକ ସଭାପତି ଗୋବିନ୍ଦଚନ୍ଦ୍ର ମହାନ୍ତ, ଏମ୍‌ପି ପ୍ରତିନିଧି କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ନାଏକଙ୍କ ସହ ବିଜେଡିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଯୁବନେତା କରୁଣା ସାଗର ଖାଟୁଆ ସଂଯୋଜନା କରିଥିଲେ। ବ୍ଲକ ଅଧକ୍ଷା ରମ୍ଭାବତୀ ଦେହୁରିଙ୍କ ସମେତ ୧୧ ସମିତିସଭ୍ୟ ଓ ୧୦ ସରପଞ୍ଚ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ରମ୍ଭାବତୀଙ୍କୁ ବ୍ଲକ ପ୍ରଶାସନ ନିମନ୍ତ୍ରଣ କରି ନ ଥିବା ଅଭିଯୋଗ ହୋଇଛି। ବିଡ଼ିଓ ଭାଗୀରଥିଙ୍କୁ ପଚାରିବାରୁ ସମସ୍ତଙ୍କୁ ଚିଠି ଦେବା ସହ ଫୋନ ମାଧମରେ ସୂଚନା ଦିଆଯାଇଥିଲା। ସମିତିସଭ୍ୟ ଶିବାଜୀ ମହାନ୍ତ ଦାସ ବର୍ମା ଓ ମହେଶ୍ୱର ପୃଷ୍ଟି ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଉପେକ୍ଷା କରି ବିଧାୟକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନମୁଖି ଭାବେ ପ୍ରକଳ୍ପ ପ୍ରସ୍ତୁତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ବିଧାୟକ ହୃଷୀକେଶଙ୍କୁ ପଚାରିବାରୁ ବିରୋଧୀ ଭାଜପା ଦଳର ବ୍ଲକ ଅଧକ୍ଷା ହୋଇଥିବାରୁ ସେମାନଙ୍କୁ ନିମନ୍ତ୍ରଣ କଲା ପରେ ବି ସଭାକୁ ଆସିନାହାନ୍ତି ବୋଲି ସେ କହିଛନ୍ତି। ପାଟଣା ଥାନା ଅଧିକାରୀ ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।


ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା।

# ଶ୍ରମ ବିଭାଗ କାର୍ଯ୍ୟାଳୟ ଘେରିଲେ ଶ୍ରମିକ


ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ବସିଛନ୍ତି।

କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

ସଦର ବ୍ଲକ ପଳାଶପଙ୍ଗାଠାରେ ଥିବା ଓଡ଼ିଶା ସ୍ପ ଓ ଲୁହା କାରଖାନା ବନ୍ଦ ରହିଛି। ଦୀର୍ଘ ୬ ବର୍ଷ ହେଲା ନିଜର ପ୍ରାପ୍ୟ ଓ ଅଧିକାର ପାଇ ନାହାନ୍ତି ଶ୍ରମିକ ଓ କର୍ମଚାରୀ। ଫଳରେ ସେମାନେ ଆନ୍ଦୋଳନ କରି ଆସୁଛନ୍ତି। ବିନା କାରଣରେ ଓ ବେଆଇନ ଭାବେ କାରଖାନା ଲକ ଆଉଟ କରାଯାଇଛି। ଏ ନେଇ ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନକୁ ହାତ କରି ଦିନ ଗଡାଉଛି। ଏ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ବୁଧବାର କର୍ମଚାରୀମାନଙ୍କୁ ଏକ ଗ୍ରାଚ୍ୟୁଇଟି କେସର ବିଚାର ପାଇଁ ସହକାରୀ ଶ୍ରମ ଆୟୁକ୍ତ (ଏଏଲସି) ପକ୍ଷରୁ ୧୭ ଜଣଙ୍କୁ ନୋଟିସ କରିଥିଲେ। କର୍ମଚାରୀମାନେ ଶ୍ରମ ବିଭାଗ କାର୍ଯ୍ୟାଳୟ ପହଞ୍ଚିବା ବେଳେ ଅଧିକାରୀ ଅନୁପସ୍ଥିତି ଦେଖି ଅସନ୍ତୋଷ ତୀବ୍ର ହୋଇଥିଲା। ଏଏଲସି ଅନ୍ୟ ଏକ କମ୍ପାନୀ ଏ ମାମଲା ପାଇଁ ଯାଜପୁର ଯାଇଥିବା ଜଣାପଡିଛି। କଂପାନୀ ପକ୍ଷରୁ କେହି ଉପସ୍ଥିତ ନ ହୋଇ ଲୁଚାଛପା ଏକ କାଗଜ ଦେଇ ୨ ମାସ ସମୟ ନେଇଥିବା ଜାଣିବା ପରେ ଆନ୍ଦୋଳନ କରୁଥିବା କର୍ମଚାରୀ ଓ କେସ ପାଇଁ ଆସିଥିବା କର୍ମଚାରୀଙ୍କ ଅସନ୍ତୋଷ ଦ୍ୱିଗୁଣିତ ହୋଇ ପଡିଥିଲା।

ଏ ନେଇ ଜଣେ କର୍ମଚାରୀ ପ୍ରଦୀପ ଚରଣ ମହାନ୍ତିଙ୍କୁ ପଚାରିବାରୁ ଆମକୁ ନ୍ୟାୟ ମିଳୁ ନ ଥିବାରୁ ୬ ବର୍ଷ ହେଲା ଶ୍ରମ ବିଭାଗ ଆଗରେ ଆନ୍ଦୋଳନ ଜାରି ରଖିଛୁ। ଗ୍ରାଚ୍ୟୁଇଟି ସମ୍ପର୍କରେ କେସର ବିଚାର ପାଇଁ ଏଏଲସି ଡକାଇଥିଲେ। ସେ ଅନୁପସ୍ଥିତି ରହିବାରୁ କେସ ବିଚାର ହୋଇ ପାରିଲା ନାହିଁ। କେସ ବିଚାର ଚାଲିଥିବା ଶ୍ରମ ବିଭାଗ କହି କର୍ମଚାରୀ ମନାଙ୍କୁ ଭୁଆଁ ବୁଲାଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଏଏଲସି ଜରୁରୀ କାମରେ ଯାଇଥିବାରୁ କେସର ବିଚାର ହୋଇ ପାରିଲା ନାହିଁ। ମ୍ୟାନେଜମେଣ୍ଟ ପକ୍ଷରୁ ସମୟ ନେଇଛନ୍ତି। ଏ ନେଇ କର୍ମଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଚାରାଧୀନ ଥିବା ମାମଲା ଫଇସଲା ହେବା ପରେ ନ୍ୟାୟ ପାଇବେ ବୋଲି ସେ କହିଛନ୍ତି।

# ଉଠାଜଳସେଚନ ବ୍ୟବସ୍ଥା ଅଚଳ

ରାଇସୁଆଁ, ୩।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ମଙ୍ଗଳାପଶି ଗ୍ରାମରେ ୨ଟି ଉଠାଜଳ ସେଚନ ପ୍ରକଳ୍ପ ରହିଛି। ଫଳରେ ୫ଶହ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳସେଚିତ ହୋଇଥାଏ। ଉକ୍ତ ଅଞ୍ଚଳରେ ଧାନ, ମକା, ପନିପରିବା ଚାଷ ହୋଇଥାଏ। ୨୦ ଦିନ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଚାଷୀଙ୍କ ଜମିରେ ପାଣି ମାଡି ପାରୁନି। ଶତାଧିକ ଏକର ଜମିରେ ହୋଇଥିବା ଫସଲ ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। ଚାଷୀ ଚିନ୍ତାରେ ରହିଛନ୍ତି। ଏ ନେଇ ଚାଷୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ପ୍ରଶାସନ ନିକଟରେ ସେମାନେ ଦାବି କରିଛନ୍ତି। ଏ ନେଇ ଜେଇ ସର୍ବେଶ୍ୱର ସାହୁଙ୍କୁ ପଚାରିବାରୁ ଖୁବଶୀଘ୍ର ବିଦ୍ୟୁତ୍ ମରାମତି କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରାସ୍ତା ଅବରୋଧ, ଯାତାୟାତ ଠପ

ଝୁମ୍ପୁରା, ୩।୧୦(ଡି.ଏନ.ଏ.)

■ ଜାତୀୟ ରାଜପଥ ଉପରେ ଗ୍ୟାରେଜ
■ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା
■ ଅଭିଯୋଗ ପରେ ବି ପୋଲିସ ନୀରବ


ଟାୟାର ଦୋକାନ ପାଖରେ ଶତାଧିକ ଟ୍ରକ୍ ଅଟକି ରହିଛି।

ଝୁମ୍ପୁରା ଥାନା ନିକଟ ୨୦ ନଂ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଜମି ଅଧିଗ୍ରହଣ ହୋଇ ସାରିଥିବା ସ୍ଥାନରେ ଟାୟାର ଦୋକାନ ରହିଛି। ଟାୟାର ଦୋକାନ ରହିବା ଫଳରେ ମାଲମାଲ ଟ୍ରକ୍ ସେହି ସ୍ଥାନରେ ଅଟକି ରହୁଛି। ରାସ୍ତା ଉପରେ ଗାଡି ଛିଡା ହେବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାତାୟାତରେ ଘୋର ଅସୁବିଧା ହେଉଛି। ଟାୟାର ଦୋକାନ ରହିଥିବା ସ୍ଥାନର ସମ୍ମୁଖ ଭାଗକୁ ବିଷ୍ଣୁପର, ମାଟିଆଳ ସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ରହିଛି। ଅନତି ଦୂରରେ ରହିଛି ଥାନା ଛକ। ଗ୍ରାମାଞ୍ଚଳର ବାସିନ୍ଦା ସାଇକେଲ, ବାଇକ୍ ଯୋଗେ ରାଜପଥ ପାର ହେଉଥିବା ବେଳେ ଟ୍ରାଫିକ ସମସ୍ୟାରେ ପଡୁଛନ୍ତି। ଟାୟାର ଦୋକାନ ପାଖରେ ଛିଡା ହୋଇଥିବା ମାଲମାଲ ଟ୍ରକ୍ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି। ପଥଚାରୀମାନେ ରାଜପଥ ପାର୍ଶ୍ୱ ଦେଇ ଯିବା ପାଇଁ ମଧ ଭୟ କରୁଛନ୍ତି। ଟ୍ରକ୍ ଦ୍ୱାରା ରାସ୍ତା ଅବରୋଧ ଯୋଗୁଁ ଝୁମ୍ପୁରା ବଜାରରୁ ବିଷ୍ଣୁପୁର ଆଡକୁ ଯିବାବେଳେ ରାଜପଥରେ ଗାଡି ଆସୁଥିଲେ ଜଣାପଡୁନାହିଁ। ଦୁର୍ଘଟଣା ଘଟି ଚାଲିଛି। ଥାନା ପଛପାଖ ହୋଇଥିବାରୁ ପୋଲିସ ସବୁଜାଣି ନୀରବ ରହିଛି। ଟ୍ରାଫିକ୍ ବ୍ୟବସ୍ଥା ସଜାଡିବାକୁ ପଦକ୍ଷେପ ନେଉନାହିଁ।

ଟାୟାର ଦୋକାନ ହୋଇଥିବା ଜାଗା ୩ ବର୍ଷ ପୂର୍ବରୁ ଜାତୀୟ ରାଜପଥ ବିଭାଗ ଦ୍ୱାରା ଅଧିଗ୍ରହଣ ହୋଇସାରିଛି। ରାଜପଥ ନିର୍ମାଣ ସମୟରେ ଉକ୍ତ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଘର ଆଂଶିକ ଭାଙ୍ଗି, ଅନ୍ୟ ପଟକୁ (ଅଧିଗ୍ରହଣ ହୋଇଥିବା) ଟାଇଲ ଛପର ଘର ଭାଙ୍ଗା ଯାଇ ନାହିଁ। ଅସୁବିଧା ଦର୍ଶାଇ ସମୟ ଗଡାଇ ଚାଲିଛନ୍ତି। ଜାତୀୟ ରାଜପଥର ନିର୍ମାଣ କାମ ଉକ୍ତ ସ୍ଥାନରେ ଅସମ୍ପୂର୍ଣ୍ଣ ରହିଛି। ରାଜପଥରେ ଗାଡି ଚଳାଚଳ ଆରମ୍ଭ କରିବା ପରେ ବି ଘର ଭାଙ୍ଗି ଯାଇନି। ରାଜପଥ ଉପରେ ଟାୟାର ଦୋକାନ ଚଳିଛି। ଏ ନେଇ ଝୁମ୍ପୁରା ଓ ବିଷ୍ଣୁପୁର ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଛି। କେବଳ ପ୍ରତିଶ୍ରୁତିରେ କାମ ଚଳାଇ ନିଆଯାଉଛି। ପ୍ରଶାସନ ଏବଂ ରାଜନେତା ଅନୁକମ୍ପାରୁ ଭଙ୍ଗା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏ ନେଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ୪ ଦିନ ପୂର୍ବେ ସ୍ଥାନୀୟ ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଝୁମ୍ପୁରା ଥାନା ସହ କେନ୍ଦୁଝରସ୍ଥିତ ଜାତୀୟ ରାଜ ପଥ ବିଭାଗକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୁମ୍ପୁରା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କୁ ପଚାରିବାରୁ ଏହା ଜାତୀୟ ରାଜପଥର କାମ, ଆମର ନୁହେଁ ବୋଲି କହିଛନ୍ତି। କେନ୍ଦୁଝରସ୍ଥିତ ଜାତୀୟ ରାଜପଥ ବିଭାଗର ପିଡି ରାଜେଶ ହରଦାସଙ୍କୁ ପଚାରିବାରୁ ଏ ନେଇ ବିଶେଷ ଦୃଷ୍ଟି ଦିଆଯିବ। ଉକ୍ତ ଜାଗାକୁ ଜିଲା ପ୍ରଶାସନ ସହାୟତାରେ ଖାଲି କରାଯିବ ବୋଲି ସେ କହିଛନ୍ତି।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ
୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ
ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ, ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
ଡ. ଦେବବ୍ରତ ସ୍ୱାଇଁ ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ ଯୋଗଦାନ କରିବେ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ
ଆପଣଙ୍କୁ ବିନୀତ ଅନୁରୋଧ।

ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡିଶା, ଭୁବନେଶ୍ୱର

08006/13/0001/1819

## ସଂକ୍ଷେପରେ

### ମଙ୍ଗଳା ମନ୍ଦିର ହୁଣ୍ଡିରୁ ଚୋରି

ଯୋଡ଼ା, ୩।୧୦(ଡି.ଏନ.ଏ.): ଯୋଡ଼ା ସହରର ଗୋପ ମହାନ୍ତି ହଟିଂ ତଥା ଯୋଡା-ଜୁରୁଡି ରାସ୍ତା କଡ଼ରେ ଥିବା ମଙ୍ଗଳା ମନ୍ଦିର ହୁଣ୍ଡିରୁ ଚୋରି ହୋଇଛି। ମନ୍ଦିରର ପୂଜକ ନିରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ, ବୁଧବାର ଭୋର ୫ ସମୟରେ ମନ୍ଦିର ପଛ ପାର୍ଶ୍ୱରେ ରହୁଥିବା ତାଙ୍କ ଘରର ବାହାର ଆଡୁ ତାଲା ବନ୍ଦ ରହିଥିଲା। ପରେ ସେ ଛାତ ଉପର ଦେଇ ବାହାରକୁ ଆସିଥିଲେ। ଫଳରେ ସେ ସନ୍ଦେହ କରି ମନ୍ଦିର ସମ୍ମୁଖକୁ ଆସିଥିଲେ। ସେଠାରେ ମଧ ମନ୍ଦିରର ଗେଟ ତାଲା ଭାଙ୍ଗି ଥିବାର ଦେଖିଥିଲେ। ମନ୍ଦିର ଭିତରକୁ ପଶିବା ପରେ ହୁଣ୍ଡିରୁ ତାଲା ଭାଙ୍ଗି ଚୋରମାନେ ଟଙ୍କା ଚୋରି କରିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ମନ୍ଦିର କମିଟି ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି।

### 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ପ୍ରସ୍ତୁତି

ହାଟଡିହୀ,୩।୧୦(ସ୍ୱ.ପ୍ର.): ହାଟଡିହୀ ବ୍ଲକରେ ୫ ତାରିଖରେ ହେବାକୁ ଥିବା 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅବସରରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସଢାଠାରେ ଅନୁଷ୍ଠିତ ହୋଇଯାଇଛି। ଶାସଙ୍ଗ ସରପଞ୍ଚ ବିଦ୍ୟାଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଧାୟକ ମାୟାଧର ଯେନା, ଏମ୍‌ପି ପ୍ରତିନିଧି ରତୀକାନ୍ତ ରାଉତ, ବିକ୍ରମ ବିଶ୍ୱାଳ, ବୀରେନ୍ଦ୍ର ବିଶ୍ୱାଳ, ଯୋଗେନ୍ଦ୍ର ବେହେରା, ବିଶ୍ୱନାଥ ନାୟକ, ଅଭିମନ୍ୟୁ ସେଠୀ, ଅମରେନ୍ଦ୍ର ଧଳ, ଦୁଃସାଶନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ କିପରି ସଫଳ ରୂପାୟନ କରିହେବ ସେ ନେଇ ଆଲୋଚନା କରାଯାଇଥିଲା।

### ଗାନ୍ଧୀ ଜୟନ୍ତୀରେ ରାସ୍ତା ସଫେଇ

କୋଳିମାଟି, ୩।୧୦- ଆନନ୍ଦପୁର ହାତୀବନ୍ଧା ସ୍ୱେଚ୍ଛାସେବୀ ଯୁବକମାନଙ୍କ ତରଫରୁ ସ୍ୱଚ୍ଛ ଭାରତ ଓ ପ୍ଲାଷ୍ଟିକ ମୁକ୍ତ ଲାଗି ଶପଥ ନିଆଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଯୁବ ସ୍ୱେଚ୍ଛାସେବୀ ସୁଶାନ୍ତ ବେହେରା, ମଣ୍ଟୁ ବାରିକ, ଦେବାଶିଷ ବାରିକ, ହିମାଂଶୁ ଶେଖର ବାରିକ, ତପନ ବେହେରା, ରିଙ୍କୁ ବେହେରା, ସୁରେଶ ବେହେରା, ଇଂ. ରାକେଶ କୁମାର ଜେନା, ରଶ୍ମୀରଞ୍ଜନ ଜେନା ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

### ଡାକଟିକଟ ପ୍ରଦର୍ଶନୀ ଦେଖିଲେ ଛାତ୍ରୀଛାତ୍ର



କେନ୍ଦୁଝର, ୩।୧୦(ସ୍ୱ.ପ୍ର.)- ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଡାକ ବିଭାଗ ପକ୍ଷରୁ ସ୍ଥାନୀୟ ଦରବାର ହଲଠାରେ ଏକ ସ୍ୱତନ୍ତ୍ର ସଭା ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଛି। କେନ୍ଦୁଝରେ ଡାକ ଅଧୀକ୍ଷକ ଦେବୀ ପ୍ରସାଦ ନାୟକଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଧରଣୀଧର ସ୍ୱଂୟ ଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅନୀଲ କୁମାର ଦାସ ଅଭିଭାଷଣ ଦେଇ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ସ୍ମୃତି ଚାରଣ କରି ସେମାନଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡିଏଫଓ ଅକ୍ଷୟ କୁମାର ନାୟକ ଉଦ୍‌ବୋଧନ ଦେଇ ଆସନ୍ତା ୧୫ରୁ ୧୭ ରାଜ୍ୟସ୍ତରୀୟ ଡାକଟିକଟ ପ୍ରଦର୍ଶନୀ କେନ୍ଦୁଝରରେ ହେବାକୁ ଥିବାରୁ ସମସ୍ତଙ୍କ ଉପସ୍ଥିତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଚନ୍ଦ୍ର ଶେଖର, ଅଧ୍ୟାପିକା ସରିତା ଗୌତମ ଅତିଥି ଭାବରେ ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଚିନ୍ତାମଣୀ ପାଗଳ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ ବିଭାଗର ଗିରିଶ ଚନ୍ଦ୍ର ନାୟକ, ପ୍ରତାପ ପଣ୍ଡିତ, ସଞ୍ଜୟ ପଣ୍ଡା ଓ ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ସହ ଯୋଗ କରିଥିଲେ। ପରେ ଏକ ଡାକଟିକଟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# କଲେଜ ପରିସରରେ ବୋମାମାଡ଼

**ଛାତ୍ର ସଂସଦ ନିର୍ବାଚନ**
- ଆନନ୍ଦପୁରରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ
- ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୧୮ ପ୍ରାର୍ଥୀ
- ନାମାଙ୍କନ ପତ୍ର ଦାଖଲ ଶେଷ

ଆନନ୍ଦପୁର/ ଚମ୍ପୁଆ, ୩।୧୦(ସ୍ୱ.ପ୍ର.)

ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଭିନ୍ନ ମହାବିଦ୍ୟାଳୟରେ ଚାପା ଉତ୍ତେଜନା ଲାଗିରହିଛି। ଆନନ୍ଦପୁର ମହାବିଦ୍ୟାଳୟରେ ମଙ୍ଗଳବାର ବିଳମ୍ବିତ ରାତିରେ ୩ ଗୋଟି ବୋମା ମାଡ଼ ହୋଇଥିଲା। ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୋମା ମାଡ଼ରେ ମହାବିଦ୍ୟାଳୟ କାର୍ଯ୍ୟାଳୟର ଝରକା ଭାଙ୍ଗିଯାଇଛି। ଆନନ୍ଦପୁର ପୋଲିସ ୨ ଅଫୁଟା ବୋମାକୁ ଜବତ କରିଛି। ଏହା ସତ୍ତ୍ୱେ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। କଲେଜ ପରିସରରେ ଆନନ୍ଦପୁର ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଛି। ଏସଡିପିଓ ମହେଶ୍ୱର ସେଠୀ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ତପନ କୁମାର ନାୟକ ଉପସ୍ଥିତ ରହି ପରିସ୍ଥିତି ଉପରେ କଡା ନଜର ରଖିଛନ୍ତି। ବୋମାମାଡ଼ ଘଟଣାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱୀକାର କରିଥିବାବେଳେ ଶାନ୍ତି ଶୃଙ୍ଖଳାରେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ଉଦ୍ୟମ କରାଯାଇଥିଲା।



ଛାତ୍ରୀଛାତ୍ର ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

ଏ ନେଇ କଲେଜ ପରିସରରେ ଦୁଇ ଥର କାଉନସିଲ ବୈଠକ ହୋଇଥିଲା। ଛାତ୍ରୀଛାତ୍ର ପକ୍ଷରୁ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରାଯାଇଛି। ଶାଳପଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ସଂସଦ ନିର୍ବାଚନ ବାତିଲ ହୋଇଛି। ପୂର୍ବରୁ ବହୁ ସଂଖ୍ୟାରେ ଛାତ୍ରୀ ମହାବିଦ୍ୟାଳୟରେ ନିର୍ବାଚନ ନ ହେବା ନେଇ ଦସ୍ତଖତ ସମ୍ବଳିତପତ୍ର ଦାଖଲ ପରେ ମହାବିଦ୍ୟାଳୟ ପକ୍ଷରୁ ନିର୍ବାଚନକୁ ବାତିଲ କରାଯାଇଛି। ପୂର୍ବରୁ ଘସିପୁରା ବ୍ଲକ ରେକୁଟିଆଠାରେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ଉଭୟ ମହାବିଦ୍ୟାଳୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସଡିପିଓ ସେଠୀ ସୂଚନା ଦେଇଛନ୍ତି। ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ୧୮ ନାମାଙ୍କନ ପାତ୍ର ଦାଖଲ କରିଛନ୍ତି। ଗୁରୁବାର ୧୧ଟା ସମୟରେ କାଏମ ରହିଥିବା ନାମ ଘୋଷଣା କରାଯିବ। ଦିନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ୫ଟା ସମୟରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ସୂଚନା ମିଳିଛି। ଛାତ୍ର ସଂସଦ ସଭାପତି ପଦ ପାଇଁ ୪ ଜଣ, ଉପସଭାପତି ପାଇଁ ୩ ଜଣ, କ୍ରୀଡା ସଂସଦ ସମ୍ପାଦକ ପାଇଁ ୩ ଜଣ, ନାଟ୍ୟ ସଂସଦ ସମ୍ପାଦକ ପାଇଁ ୨ ଜଣ, କଲେଜ ମାଗାଜିନ୍ ପାଇଁ ଜଣେ, ଡିଏସଏରେ ୩ ଜଣ ଓ ସାଧାରଣ ସମ୍ପାଦକ ପାଇଁ ୨ ଜଣ ମାତ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି।



ଆନନ୍ଦପୁର ମହାବିଦ୍ୟାଳୟରେ ପୋଲିସ ଫୋର୍ସ ମୁତୟନ ହୋଇଛି।

# ଖଣି ଅଧିକାରୀଙ୍କୁ ମାଡ଼, ୨ ଗିରଫ

ଯୋଡ଼ା, ୩।୧୦(ଡି.ଏନ.ଏ.)

ଚାନ୍ଦା ନ ଦେବାରୁ ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଦେଓଝରଠାରେ ଥିବା ଏକ ଖଣିର ଅଧିକାରୀଙ୍କୁ ମାରପିଟ ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ଅପରାହ୍ନ ୩ଟାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ କାରଖାନରେ ପିତାବେଡା ଗ୍ରାମର ହିମାଂଶୁ ପଲେଇ ଓ ହିମାଂଶୁ ବେହେରା କାରଖାନାରେ ପଶିଥିଲେ। ପରେ କମ୍ପାନୀର ମାନବ ସମ୍ବଳ ସହକାରୀ ଖଣି ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକଙ୍କୁ ଚାନ୍ଦା ମାଗିଥିଲେ। ସେ ଅରାଜି ହେବାରୁ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ବିଲେଇପଦା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୬୧/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଫାଣ୍ଡି ଅଧିକାରୀ ନରେଶ କୁମାର ଦାଶ କହିଛନ୍ତି।

# ଜମୁଛି ବାଣିଜ୍ୟ ମେଳା

ଆନନ୍ଦପୁର, ୩।୧୦(ସ୍ୱ.ପ୍ର.)

ପ୍ରେସ୍ କ୍ଲବ ଆନନ୍ଦପୁର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବାଣିଜ୍ୟ ମେଳାରେ ଦର୍ଶକଙ୍କ ଭିଡ଼ ଲାଗି ରହିଛି। ବାଣିଜ୍ୟ ମେଳାରେ ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ମନୋରଞ୍ଜନର ଖୋରାକ ଯୋଗାଉଛି। ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଷ୍ଟଲରେ ଭିଡ଼ ଲାଗିରହିଛି। ସାତ ଦିନିଆ ବାଣିଜ୍ୟ ମେଳାର ୪ର୍ଥ ଦିନରେ ପହଞ୍ଚିଛି।

କ୍ଲବର ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ସଂଯୋଜନାରେ ଆୟୋଜିତ ବାଣିଜ୍ୟ ମେଳାକୁ ଅଧ୍ୟକ୍ଷ ଲୋକନାଥ ସିଂହ, ସମ୍ପାଦକ ସନ୍ତୋଷ ରାଉତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହାୟତା କରୁଛନ୍ତି। ତିନିଦିନ ବ୍ୟାପି ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ମହାବିଦ୍ୟାଳୟ ଆନନ୍ଦପୁର, ପ୍ରଭାତ ସଙ୍ଗୀତ ଏକାଡେମୀ ଛେନାପଦି, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଶେଷ ହୋଇଥିଲେ ସୁଦ୍ଧା ଅନ୍ୟ ଦିନମାନଙ୍କରେ ଭରପୂର ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ବ୍ୟବସ୍ଥା ଗ୍ରହଣ କରାଯାଇଛି।



ବାଣିଜ୍ୟ ମେଳାରେ ବିଭିନ୍ନ ଷ୍ଟଲ।

# କୋଇଲା ବୋଝେଇ ଗାଡ଼ି ଜବତ

ଆନନ୍ଦପୁର, ୩।୧୦(ସ୍ୱ.ପ୍ର.)

ଘସିପୁରା ଥାନା ବେଲବାହାଳିଠାରେ ଆନନ୍ଦପୁର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିରେ ୧୪୦୦ କେଜି କାଠ କୋଇଲା ଜବତ କରିଛି। ଚୋରାରେ କୋଇଲା ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ଡିଏଫଓ ଅଜିତ୍ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଡେପୁଟୀ ରେଞ୍ଜର ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ନବ କିଶୋର ନାୟକ, ଫରେଷ୍ଟଗାର୍ଡ଼ ମଳୟ ସାହୁ, ରଞ୍ଜନ ବେହେରା, ଏସିଏଫ ସୁରେଶ ଚନ୍ଦ୍ର ସେଠୀ, ପ୍ରଫୁଲ୍ଲ ମଲ୍ଲିକ, ଜଙ୍ଗଲ ସୁରକ୍ଷାବାହିନୀ ସଦସ୍ୟ ହରିହର ମୁର୍ମୁ, ଗଙ୍ଗାଧର ସା, ଶଙ୍କର୍ଷଣ ସା, ସୌଭାଗ୍ୟ ଜେନା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। (ଓଡି୨୧ଏଫ୩୬୭୭) ନଂ ଏକ ଆଇରନ ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି। ସେଥିରୁ ଚୋରା କାଠ କୋଇଲା ରହିଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଜଗତ୍‌ସିଂହପୁର ଜିଲାର ପ୍ରଭାକର ବୋଡକିଆ, ଘଟଗାଁ ମେଲାଣର ରାଜ ନାଏକ ଓ ବିଭିଷଣ ମହାରଣା ଗିରଫ ହୋଇଛନ୍ତି।

# ସଂକୀର୍ତ୍ତନ ଦଳର ପୁରୀ ପଦଯାତ୍ରା



ପୁରୀ ପଦଯାତ୍ରାରେ ବାହାରିଥିବା ସଂକୀର୍ତ୍ତନ ଦଳ।

ଆନନ୍ଦପୁର, ୩।୧୦(ସ୍ୱ.ପ୍ର.)

ଘସିପୁରା ବ୍ଲକ ତରୁଆଁ ଓ ଶାଳଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ବୁଧବାର ଉଜୁଣୀ ଗ୍ରାମ ଭାଗବତ ମଠଠାରୁ ପୁରୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ଜଗନ୍ନାଥ ପ୍ରେମୀ ଭକ୍ତ ଶତ୍ରୁଘନ ଭଞ୍ଜଙ୍କ ନେତୃତ୍ୱରେ ଆର୍ତ୍ତବନ୍ଧୁ ପରିଡ଼ା, ସାଗର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଜେନା, ହରିହର ଜେନା, ଗଙ୍ଗାଧର ନାୟକ, କୃଷ୍ଣ ଚନ୍ଦ୍ର ଗାହାଣ, ନିର୍ମଳ ଜେନା, ପ୍ରମୋଦ ଜେନା, ଖାଗେଶ୍ୱର ପାତ୍ର, ଦୟାନିଧି ନାୟକ, ଅନିରୁଦ୍ଧ ଜେନା, ଆନନ୍ଦ ନାୟକ, ନବଘନ ବେହେରା, ବସନ୍ତ ପାଗଳ, ଅଶୋକ ନାଥଙ୍କ ସମେତ ଅନେକ ଜଗନ୍ନାଥ ପ୍ରେମୀ ସାମିଲ ହୋଇଥିଲେ। ସମ୍ପୃକ୍ତ କୀର୍ତ୍ତନ ଦଳ ପୁରୀରେ ଜଗନ୍ନାଥ ମହାପ୍ରଭୁଙ୍କୁ ଭେଟି ଗ୍ରାମର ଉନ୍ନତି କାମନା କରିଥାନ୍ତି। ସକୀର୍ତ୍ତନ ଦଳକୁ ସୀମାନ୍ତ ଜର୍ଦ୍ଦା ଗ୍ରାମର ଅଧିବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

ଆନନ୍ଦପୁର, ୩।୧୦(ସ୍ୱ.ପ୍ର.)

ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଓ ସବୁଜିମା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆନନ୍ଦଭବନ ପରିସରରେ ଉପଖଣ୍ଡସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗଦାଧର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପଜିଲାପାଳ ରବି ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ଏସଡିପିଓ ମହେଶ୍ୱର ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ମୁଖ୍ୟବକ୍ତା ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ପ୍ରାକ୍ତନ ଅଧ୍ୟକ୍ଷ ଶୁକଦେବ ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

ବିଭିନ୍ନ ବିଭାଗରେ ପୁରସ୍କୃତ ହେବାକୁ ଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସବୁଜିମା ସାହିତ୍ୟ ସଂସଦର ସମ୍ପାଦକ ରଘୁନାଥ ପଣ୍ଡିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କର୍ମଚାରୀ ନାରାୟଣ ଦାସ, ଦେବେନ୍ଦ୍ର ସାମନ୍ତରାୟ ପ୍ରମୁଖ ସହାୟତା କରିଥିଲେ।



ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ମାଛ ଚୋରିକୁ ନେଇ ହତ୍ୟା

କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

ହରିଚନ୍ଦନପୁର ଥାନା ତିଗିରିଆ ଗ୍ରାମରେ ମାଛ ଚୋରିକୁ ନେଇ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପଥର ଛେଚି ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକଙ୍କ ନାମ ରାମଚନ୍ଦ୍ର ପଲେଇ। ଗ୍ରାମର କେତେକ ଯୁବକ ନାଳରୁ ମାଛ ଧରିବା ପାଇଁ ଜାଲ ବିଛାଇଥିଲେ। ଉକ୍ତ ମାଛକୁ ରାମଚନ୍ଦ୍ର ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଯୁବକମାନେ ଉତ୍ତ୍ୟକ୍ତ ହୋଇ ମଙ୍ଗଳବାର ରାତିରେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ଉତ୍ତ୍ୟକ୍ତ ଯୁବକମାନେ ପଥରରେ ଛେଚି ତାଙ୍କୁ ଗୁରତର କରିଥିଲେ। ରାମଚନ୍ଦ୍ର ସ୍ଥାନୀୟ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ସକାଳେ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି। ୨ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ବନିତା ମାଝୀ କହିଛନ୍ତି।

## ମା' ତାରିଣୀ ମନ୍ଦିରରେ ହୋମଯଜ୍ଞ

ଯୋଡ଼ା,୩।୧୦(ଡି.ଏନ.ଏ.)

ଯୋଡା ସହରର ୧୪ ନଂ ୱାର୍ଡ ବିଚାକୁଣ୍ଡି ମା' ତାରିଣୀ ମନ୍ଦିରରେ ଏକ ବିଶାଳ ହୋମଯଜ୍ଞର ଆୟୋଜନ ହୋଇଯାଇଛି। ମନ୍ଦିରରେ ହୋମଯଜ୍ଞ ହୋଇଥିଲା। ମନ୍ଦିରର ପୁନଃ ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଥିଲା। ହୋମ ଯଜ୍ଞରେ ଯୋଡା ସହରର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରସାଦ ସେବନ କରିଥିଲେ।

■ ଗ୍ରାମସଭାରେ ଅଫିସରଙ୍କୁ ଆକ୍ରମଣ

# ପ୍ରତିବାଦରେ କଲମ ଛାଡ଼ ଆନ୍ଦୋଳନ

ଆନନ୍ଦପୁର, ୩।୧୦(ସ୍ୱ.ପ୍ର.)

ସଭା ପରିଚାଳନା ସମୟରେ ପଞ୍ଚାୟତର ୧୦ରୁ ୧୫ ଜଣ ବ୍ୟକ୍ତି ଜଣେ ନୋଡାଲ ଅଫିସରଙ୍କୁ ଆକ୍ରମଣର ପ୍ରତିବାଦ ଦେଖିବାକୁ ମିଳିଛି। ବ୍ଲକ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିୟ କୁମାର ରାଉତ ଉକ୍ତ ପଞ୍ଚାୟତରେ ୨ ତାରିଖରେ ସ୍ୱତନ୍ତ୍ର ଗ୍ରାମସଭାରେ ନୋଡାଲ ଅଫିସର ଭାବେ ନିଯୁକ୍ତି ହୋଇଥିଲେ। ତାଙ୍କୁ ମାଡ଼ ମରାଯିବା ସହ ଯୋଜନାବଦ୍ଧ ଭାବେ କେତେ ଜଣ ମହିଳାଙ୍କୁ ନୋଡାଲ ଅଫିସରଙ୍କ ନିକଟରେ ବସାଇ ଫଟୋ ଉଠାଇ ପରେ ବ୍ଲାକମେଲ୍ କରାଯାଇଥିବା ଅଭିଯୋଗ ହୋଇଛି। ମୋବାଇଲ୍ ଛଡାଇ ନେବା, ଅଫିସରଙ୍କୁ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଗାଡ଼ିରେ ହରିଡାପାଳ ପଞ୍ଚାୟତକୁ ନିଆଯାଇଥିଲା। ତାଙ୍କଠାରୁ ୫ ହଜାର ଟଙ୍କା ଛଡାଇ ନିଆଯାଇଥିଲା। ଉଠା ଯାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ଚାକିରିରୁ ବାହାର କରିଦେବା ଭଳି ଧମକ ଚମକ ଦିଆଯାଇଥିବା ଅଭିଯୋଗ ହୋଇଛି।

ଏ ଘଟଣାକୁ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୋଡାଲ ଅଫିସର ରାଉତ ଆନନ୍ଦପୁର ବ୍ଲକ ବିଡିଓ ଉମାକାନ୍ତ ପରିଡାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୯୪/୧୮) ମାମଲା ରୁଜୁ କରି ତଦନ୍ତ କରୁଛି। ଦୋଷୀଙ୍କୁ ଗିରଫ ଦାବିରେ ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ଲାଗି ରହିଛି।



କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

# ଚମ୍ପୁଆ ହେବ ପ୍ଲାଷ୍ଟିକ୍ ମୁକ୍ତ ସହର

ଚମ୍ପୁଆ, ୩।୧୦(ଡି.ଏନ.ଏ.)

ଚମ୍ପୁଆ ସହରକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ବିଭିନ୍ନ ସଙ୍ଗଠନ ଓ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ଲାଷ୍ଟିକ୍ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ସବୁ ବର୍ଗର ଜନସାଧାରଣ ତଥା ବିଶ୍ୱବାସୀ ହୃଦୟଙ୍ଗମ କଲେଣି। ସବୁଆଡେ ପ୍ଲାଷ୍ଟିକ୍‌କୁ ପର୍ଜ୍ୟନ କରିବା ପାଇଁ ଏକ ପ୍ରକାର ବୈପ୍ଳବିକ ଚିନ୍ତାଧାରା ସୃଷ୍ଟି ହେଲାଣି। କେନ୍ଦୁଝର ଜିଲା ସଂଖ୍ୟାଲଘୁ ସଭାପତି ନେସାର ହେୟାତ ଓ ବିଜେଡି ବ୍ଲକ ସଭାପତି ଚୂଡାମଣି ମହାନ୍ତ, ସୁବାସ ରାମ, ଏମଡି ସତାର, ରାଜ ବାରିକ ପ୍ରମୁଖ ଦୈନିକ ବଜାର ଏବଂ ସହର ମଧ୍ୟରେ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ କହିଥିଲେ।



ମାଗଣାରେ କାନ୍‌ଭାସ୍ ବ୍ୟାଗ୍ ବଣ୍ଟନ କରାଯାଉଛି।

# ମନ୍ଥର ଗତିରେ ଚାଲିଛି କାମ

କେନ୍ଦୁଝର, ୩।୧୦ (ସ୍ୱ.ପ୍ର.)

- ଅନିଶ୍ଚିତତାରେ କାନପୁର ଜଳସେଚନ ପ୍ରକଳ୍ପ
- ୧୭୭ ବିସ୍ଥାପିତଙ୍କୁ ଅଣଦେଖା
- ଚୁପ ରହିଛି ଜଳସମ୍ପଦ ବିଭାଗ

ବୈତରଣୀ ନଦୀରେ ଯୋଡ଼ା ବ୍ଲକ ବାସୁଦେବପୁରଠାରେ କାନପୁର ଜଳସେଚନ ପ୍ରକଳ୍ପର ନିର୍ମାଣ ପରିକଳ୍ପନାକୁ ୪୦ ବର୍ଷ ବିତିଯାଇଛି। ନିର୍ମାଣ ଶେଷ ହୋଇପାରୁ ନ ଥିବାରୁ ଅନିଶ୍ଚିତତା ମଧ୍ୟରେ ପ୍ରକଳ୍ପ ରହିଛି। ଅଦ୍ୟାବଧି ଡ୍ୟାମ କାମ ୮୫ ପ୍ରତିଶତ, ସ୍ପିଲ ୱେ କାମ ୭୨ ପ୍ରତିଶତ ଓ କେନାଲ କାମ ୫୧ ପ୍ରତିଶତ ସରିଛି। କାମରେ ମନ୍ଥରତାକୁ ଦେଖିଲେ ପ୍ରକଳ୍ପ ନିର୍ଦ୍ଧାରିତ ୨୦୧୯ ଡିସେମ୍ବର ସୁଦ୍ଧା ଶେଷ ହେବା ନେଇ ସନ୍ଦେହ ହେଉଛି। ଉକ୍ତ ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲାର ଚମ୍ପୁଆ, ଝୁମ୍ପୁରା, ପାଟଣା, ସଦର, ଯୋଡା ଆଦି ବ୍ଲକର ୨୩୬ ଗ୍ରାମର ୪୭୭୦୯ ହେକ୍ଟର ଚାଷ ଜମିକୁ ପାଣି ମାଡ଼ିବ। କ୍ଷେତ ଶସ୍ୟଶ୍ୟାମଳା ହେବା ଆଶାରେ ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ପରବର୍ତ୍ତୀ ସମୟରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏ ନେଇ ଟେଣ୍ଡର ଆହ୍ୱାନ କରାଯାଇ ମୁଖ୍ୟ ବନ୍ଧ ଓ କେନାଲ ନିର୍ମାଣ ଆରମ୍ଭ ହୋଇଥିଲା। ଅଦ୍ୟାବଧି ଜମି ଅଧିଗ୍ରହଣ ଓ ବିସ୍ଥାପିତଙ୍କ ସମସ୍ୟା ସରିନାହିଁ। ଜାଣି ଶୁଣି ବିଳମ୍ବ କରାଯାଉଛି। ଅନେକ ଲୋକଙ୍କୁ କ୍ଷତିପୂରଣ ଦିଆଯାଇଥିଲେ ହେଁ ସେମାନଙ୍କୁ ପୁନଃ ଥଇଥାନ କରାଯାଇ ନ ଥିବାରୁ ସମସ୍ୟା ଲାଗିରହିଛି।

୧୭୭ ଜଣ ବିସ୍ଥାପିତ ଜମି ବଦଳରେ ଜମି ମାଗିଥିଲେ ହେଁ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ଦ୍ୱାରା ୩୮୬୯ ଲୋକ ବିସ୍ଥାପିତ ହୋଇଛନ୍ତି। ସେଥିରୁ ୬୭୬ ଜମି ପଟ୍ଟା ମାଗିଥିଲେ ହେଁ ତନ୍ମଧ୍ୟରୁ ୩୨୫ ଜଣଙ୍କୁ ପଟ୍ଟା ଦିଆଯାଇଛି। ଅବଶିଷ୍ଟ ୩୫୧ ଜଣ ବାକି ରହିଛନ୍ତି। ଅବଶିଷ୍ଟ ୩୧୯୩ ପରିବାରଙ୍କୁ ଟଙ୍କା ଦିଆଯିବ ବୋଲି ଜଣାପଡିଛି। ସେଥିରୁ ୨୦୧୪ଟି ଜମିହରା ପରିବାର ଟଙ୍କା ପାଇସାରିଥିବାବେଳେ ଅବଶିଷ୍ଟଙ୍କ ମଧ୍ୟରୁ ୧୪୦୨ ଜଣ ପ୍ରଥମ କିସ୍ତିରେ ଟଙ୍କା ନେଇଛନ୍ତି। ୪୫୩ ପରିବାର ଟଙ୍କା ପାଇଁ ଆସିନଥିବା ଜଣାପଡିଛି। ମୁଖ୍ୟ ବନ୍ଧ ଓ ସ୍ପିଲ ୱେ କାମ ଚାଲିଛି। ତାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଆଗାମୀ ଦିନରେ ବିପଦ ସୃଷ୍ଟି ହେବା ଆଶଙ୍କା ନେଇ କେନ୍ଦୁଝର ନାଗରିକ ମଞ୍ଚ ବାରମ୍ବାର ତାଗିଦ କରିଛି। ଜିଲାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଶେଷ କରିବା ନେଇ ଜଳସଂପଦ ବିଭାଗ ଆଦୌ ଆଗ୍ରହ ପ୍ରକାଶ କରୁନାହିଁ। ଏ ନେଇ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ କୀର୍ତ୍ତନ ବିହାରୀ ଜେନା କହିଛନ୍ତି। କାମ ଶେଷ କରିବାକୁ ବିଭାଗର ଆନ୍ତରିକତା ଥିବା ମନେ ହେଉନାହିଁ। ଏ ନେଇ ଚାଷୀ ଆନ୍ଦୋଳନ କରିବେ ବୋଲି ଉତଥାନ ଫାଉଣ୍ଡେଶନର ସଦସ୍ୟ ସୁମନ୍ତ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ୨୦୧୪ରୁ ଉକ୍ତ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇ ଅଦ୍ୟାବଧି ୧୫୮୧ କୋଟି ୬୬ ଲକ୍ଷ ୨୨୩ ଟଙ୍କା ଖର୍ଚ୍ଚ ହୋଇଥିବା ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଏ ନେଇ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ବିଦ୍ୟାଧର ମିଶ୍ରଙ୍କୁ ପଚାରିବାରୁ ପ୍ରକଳ୍ପର ବ୍ୟୟ ଅଟକଳ ୨୦୧୬ ମସିହା ମୁତାବକ ୨୪୩୮.୨୯ କୋଟି ରହିଛି। ୨୦୧୯ ସୁଦ୍ଧା ଶେଷ ନ ହେଲେ ସମୟ ସୀମା ବୃଦ୍ଧି କରାଯିବ ଏବଂ ବ୍ୟୟ ଅଟକଳ ବୃଦ୍ଧି ହେବ। ୪୨୨ କୋଟି ଟଙ୍କା ଅଛି ଓ କାମ ଚାଲିଛି ବୋଲି ସେ କହିଛନ୍ତି।